ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.81 Bhubaneswar Wednesday May 03 2023 ୨୬ତମ ବର୍ଷ ସଂଖ୍ୟା-୮୧ ଭୁବନେଶ୍ୱର, ମଙ୍ଗଳବାର, ମଇ ୦୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଝାରସୁଗୁଡାରେ ବିଜେଡି ପ୍ରଚାର ମଇଦାନରୁ ଅଲକା ଓ ସୁଶାନ୍ତ ଆଉଟ୍



ଝାରସୁଗୁଡ଼ା, ୨।୫(ପି.ଏନ): ବିଜେଡିର ବହୁ ମନ୍ତ୍ରୀ ଓ ବିଧାୟକମାନେ ଝାରସୁଗୁଡାରେ ପଡି ରହିଥିବାବେଳେ ସ୍ଥାନୀୟ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ଓ ଉଟଲୀ ବିଧାୟକ ସୁଶାନ୍ତ ସିଂହଙ୍କ ଅନୁପସ୍ଥିତି ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁସାରେ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣା ପରଠୁ ନବଙ୍କ ସମର୍ଥକମାନେ ସୁଶାନ୍ତ ସିଂଙ୍କୁ ଖୋଲା ବିରୋଧ କରୁଥିବାରୁ ସେ ସ୍ୱାସ୍ଥ୍ୟଗତ ଆଳ ଦେଖାଇ ପ୍ରଚାର ମଇଦାନରୁ ଦୂରେଇ ରହିଥିଲେ ମଧ୍ୟ ଅଲକାଙ୍କ ଅନୁପସ୍ଥିତି ଏବେ ସ୍ଥାନୀୟ ବିଜେଡି କର୍ମୀଙ୍କୁ ନିରାଶ କରିଥିବା ଜଣାପଡିଛି । ବିଶେଷକରି ଝାରସୁଗୁଡା ଜିଲ୍ଲାର ପୁରୁଣା ବିଜେଡି କର୍ମୀମାନେ ଦିବଂଗତ କିଶୋର ମହାନ୍ତିଙ୍କ ପରିବାର ପ୍ରତି ଦୁର୍ବଳତା ରଖିଥିବାବେଳେ ତାଙ୍କ ପତ୍ନୀ ଅଲକାଙ୍କୁ ପ୍ରଚାର ମଇଦାନରୁ ଦୂରେଇ ରଖାଯିବା ବିଜେଡି ପ୍ରାର୍ଥୀ ଦୀପାଳିଙ୍କ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି । ଗତବର୍ଷ ବ୍ରଜରାଜନଗର ଉପନିର୍ବାଚନରେ ଅଲକାଙ୍କ ସପକ୍ଷରେ ପ୍ରଚାର ନିମନ୍ତେ ଦିବଂଗତ ନବ ଦାସ ଓ ତାଙ୍କ ଝିଅ ଦୀପାଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଚଳିତବର୍ଷ ଝାରସୁଗୁଡା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳିଙ୍କ ସପକ୍ଷରେ ଅଲକା ପ୍ରଚାର ମଇଦାନରୁ ଦୂରେଇ ରହିବାକୁ ନେଇ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି ।

## ମେ୬ ସୁଦ୍ଧା ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସମ୍ଭାବନା

ଭୁବନେଶ୍ୱର, ୨।୫(ପି.ଏନ): ଆଗାମୀ ମେ'୬ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି ।ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ପରବର୍ତ୍ତୀ ୪୮ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ କାଳବୈଶାଖୀ ସମ୍ଭାବନା ଥିବାରୁ ଆଜି ପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ନୂଆପଡା, ବଲାଙ୍ଗିର, କନ୍ଧମାଳ ,ଗଂଜାମ, ଗଜପତି, ରାୟଗଡା, କଳାହାଣ୍ଡି. ନବରଙ୍ଗପୁର , କୋରାପୁଟ ଓ ମାଲକାନଗିରି ।

## ଅରୁଣ ଅନକା ହତ୍ୟା ମାମଲା, ୫ ଅଭିଯୁକ୍ତ ଗିରଫ

ଜୟପୁର, ୨।୫(ପି.ଏନ): ଜୟପୁର ସହରରେ ଜଣେ ଯୁବକକୁ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ହରିସ ବିସି ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ଏପ୍ରିଲ ୨୬ ତାରିଖ ସଂନ୍ଧ୍ୟା ସମୟରେ ୮ ଜଣ ଅଜଣା ଦୁର୍ବୃତ ଖଣ୍ଡା ଛୁରି ଆଦି ମାରଣାସ୍ତ୍ର ଧରି ଜୟପୁର ନୂଆସାହି ୫ ଲାଇନର ଅରୁଣ ଅନକାଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଅରୁଣ ଅନକାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଜୟପୁର ଟାଉନ ଥାନାରେ ମୃତ ଅରୁଣଙ୍କ ସ୍ତ୍ରୀ ଅଲଫା ଅନକା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରେ ଜାଣି ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ନୁଆସାହି ୪ର୍ଥ ଲାଇନର ରାମ ନାୟକ (୧୯) ଓ ଅର୍ଜୁନ ବାଘ (୨୬), କୋଟପାଡର ଅଭିଷେକ ମାଳି (୨୧) ଓ କପିଳେସ ମଙ୍ଗଳି (୧୮) ଏବଂ ନବରଙ୍ଗପୁର ଜିଲା ତେନ୍ତୁଳିଖୁଂଟିର ରେମନ୍ତ ବିଷୋୟୀ ଓରଫ ରୋମାନ (୨୨) । ସେମାନଙ୍କ ଠାରୁ ୨ଟି ଖଣ୍ଡା, ବାଇକ ଜବତ ହୋଇଛି । ମାମଲାରେ ଜଡିତ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ଏସଡିପିଓ ହରିସ ବିଶି ସୂଚନା ଦେଇଛନ୍ତି ।ଏହି ଘଟଣା ଘଟିବା ପରେ ଗତ ୨୭ ତାରିଖରେ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲା । କୋରାପୁଟ ଏସପି ଅଭିନବ ସୋନକାର ଜୟପୁରରେ ପହଂଚି ସ୍ଥିତିର ସମିକ୍ଷା କରିଥିଲେ । ଏସପିଙ୍କ ତତ୍ତ୍ୱାବଧାନରେ ଟିମ ଗଠନ କରାଯାଇ ତଦନ୍ତ କରାଯାଇଥିଲା । ଏ ସଂକ୍ରାନ୍ତରେ ଜୟପୁର ଟାଉନ ପୋଲିସ ୧୨୩/୨୩ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ସିସି କ୍ୟାମେରାର ଫୁଟେଜ ଆଧାରରେ ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ମୃତ୍ୟୁ ପୂର୍ବରୁ ଅରୁଣଙ୍କୁ ମୋବାଇଲରେ ଧମକ ଚମକ ଆସୁଥିବା ତାଙ୍କ ସ୍ତ୍ରୀ ପୋଲିସକୁ ବୟାନ ଦେଇଥିଲେ । ଅରୁଣର ମୋବାଇଲର ମଧ୍ୟ ଯାଂଚ୍ ହୋଇଥିଲା । ପୋଲିସର ସୂଚନା ଅନୁଯାଇ, ବୁଧବାର ସଂନ୍ଧ୍ୟା ସମୟରେ ୭ ଜଣ ଯୁବକ ମୁହଁରେ ମାସ୍କ ପିନ୍ଧି ଅଟୋରେ ଆସି ଖଣ୍ଡା, କାତି ଧରି ଅରୁଣକୁ ଆକ୍ରମଣ କରିଥିଲେ । ମରାଣାନ୍ତକ ଆକ୍ରମଣ ହେବା ଫଳରେ ଗୁରୁତର ହୋଇ ପଡିଥିଲେ ଅରୁଣ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି ।

## ସିମେଂଟ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ବେଳେ ପୋଲିସର ଚଢ଼ଉ

ଜୟପୁର, ୨।୫(ପି.ଏନ): ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରିଛି ପୋଲିସ । ଲକ୍ଷାଧିକ ଟଙ୍କାର ଗଞ୍ଜେଇ ବୋଝେଇ ଟ୍ରକକୁ ଜବତ କରିଛି । ତେବେ ମାଫିଆ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାଯାଇଛି ।ସିମେଂଟ ବୋଝେଇ ଟ୍ରକରେ ଗୁଜୁରାଟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । ନୂଆଁପୁଟ ଗାଁ ନିକଟରେ ବାହାର ରାଜ୍ୟକୁ ଏକ ଟ୍ରକରେ ଗଞ୍ଜେଇ ଲୋଡ୍ ହେଉଥିବା ବେଳେ ଚଢଉ କରିଥିଲା ମାଛକୁଣ୍ଡ ପୋଲିସ । ଅନ୍ଧାରର ସୁଯୋଗ ନେଇ ମାଫିଆ ଚମ୍ପଟ ମାରିଥିବା ବେଳେ ଟ୍ରକକୁ ଜବତ କରିଛି ପୋଲିସ । ଟ୍ରକକୁ ଯାଂଚ୍ କରିବାରୁ ୧୦୦ଟି ସିମେଂଟ ବସ୍ତା ତଳେ ୨୦ ବସ୍ତାରେ ୫ କୁଇଂଟାଲ୍ ୨ କେ.ଜି. ଗଞ୍ଜେଇ ବାହାରିଥିଲା । ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗାଡିର କାଗଜପତ୍ର ଯାଂଚ୍ କରିବା ପରେ ମାଲିକ ନାମରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ନକଲି ସାର୍ଟିଫିକେଟ ମାମଲା : ଖୋଳତାଡ ପାଇଁ ପୁଣି ଆସିଲା କ୍ରାଇମବ୍ରାଂଚ ଟିମ୍

ବଲାଙ୍ଗିର, ୨।୫(ପି.ଏନ): ପୁଣି ବଲାଙ୍ଗିର ଆସିଲା କ୍ରାଇମବ୍ରାଂଚ ଟିମ୍ । ନକଲି ସାର୍ଟିଫିକେଟ କାରବାରର ଖୋଳତାଡ ପାଇଁ ପୁଣି ଥରେ ବଲାଙ୍ଗିର ଆସିଛି କ୍ରାଇମବ୍ରାଂଚ ଟିମ୍ । ଗତ ଅପ୍ରେଲ ୧ ତାରିଖରେ ନକଲି ସାର୍ଟିଫିକେଟର ଖୋଳତାଡ କରିବା ପାଇଁ କ୍ରାଇମବ୍ରାଂଚ ଟିମ୍ ବଲାଙ୍ଗିର ଆସି ୧୫ ଦିନ ଧରି ଏଠାରେ ଡେରା ପକାଇଥିଲା । ନକଲି ସାର୍ଟିଫିକେଟର ମାଷ୍ଟର ମାଇଣ୍ଡ ମନୋଜ ମିଶ୍ର ଏବଂ ଆଲୋକ ଉଦ୍ଗାତାଙ୍କ ସମେତ ୪ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା ଏବଂ ୭ ଜଣ ବ୍ୟକ୍ତିଙ୍କୁ ଧରି ପଚରା ଉଚୁରା ପରେ ସେହି ବ୍ୟକ୍ତିଙ୍କୁ ନୋଟିସ୍ ଦେଇ ଛାଡି ଦେଇଥିଲା । କାହାରିକୁ ଗିରଫ କରି ନଥିଲା । ୧୫ ଦିନ ଧରି ତଦନ୍ତ ପରେ ବଲାଙ୍ଗିର ଛାଡିଥିଲା କ୍ରାଇମବ୍ରାଂଚ ଟିମ୍ । ହେଲେ ଗତକାଲି ପୁଣି ଥରେ ବଲାଙ୍ଗିର ଫେରିଛି କ୍ରାଇମବ୍ରାଂଚ ଟିମ୍ । ସହର ଭିତରେ ପଇଁତରା ମାରୁଛି ଟିମ୍ । ତେବେ ଏଥର କିଛି ଅଭିଯୁକ୍ତଙ୍କୁ କ୍ରାଇମବ୍ରାଂଚ ଗିରଫ କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । କ୍ରାଇମବ୍ରାଂଚର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି ।

## ବଡ଼ବିଲ୍ ରେ ପୁଣି ଫୁଟିଲା ଗୁଳି, ଯୁବକ ମୃତ

ବଲାଣି, ୨।୫(ପି.ଏନ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଂଚଳ ଅପରାଧୀଙ୍କ ଚରାଭୂଇଁ ପାଲଟିଛି । ବାରମ୍ବାର ଗୁଳିକାଣ୍ଡ ହେଉଥିବା ବେଳେ ସାଧାରଣ ଜନତା ଏହାର ଶିକାର ହେଉଛନ୍ତି । ଗତ ମାସ ଏଭଳି ଏକ ଗୁଳିକାଣ୍ଡରେ ବଡ଼ବିଲ ଅଂଚଳର ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ମାସେ ନପୁରୁଣୁ ସ୍ୱସ୍ତି ଦିବା ଲୋକରେ ପୁଣି ଗତକାଲି ଏକ ଘଟଣା ଭିଆଇବାରେ ସଫଳ ହୋଇଛନ୍ତି ଅପରାଧୀ ।ସୂଚନାନୁସାରେ, ସୋମବାର ସକାଳ ପ୍ରାୟ ୮ଟା ୩୦ ମିନିଟରେ ସ୍ୱଷ୍ଟ ଦିବାଲୋକରେ ବଡ଼ବିଲ ପୌରାଚଂଳର ୬ ନମ୍ବର ୱାର୍ଡ ସ୍ଥିତ ବ୍ୟସ୍ତ ବହୁଳ ଅଂଚଳ ମୋନି ଟାୱାର ନିକଟରେ ଗୁଳି ଶବ୍ଦରେ ସାରା ସହର ଶିହରି ଉଠିଛି । ଏହି ଗୁଳିକାଣ୍ଡରେ ବଡ଼ବିଲ ଡାକ୍ତରଖାନା ନିକଟସ୍ଥ ଭୋଲା ସିନ୍ହା ନାମକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି କୌଣସି ଦୁର୍ବୃତ୍ତ ଗୁଳି ଫୁଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଂଚି ସେଠାରୁ ଏକ ଖୋକା ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିବା ବେଳେ ଗୁଳିକାଣ୍ଡର କାରଣ ବର୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ତେବେ ମୃତକ ବଡ଼ବିଲ ପୌରାଚଂଳର ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ଘନିଷ୍ଠ ହୋଇଥିବା ବେଳେ ଗୁଳିକାଣ୍ଡ ପଛରେ ରାଜନୈତିକ ଶତ୍ରୁତା ଥାଇପାରେ ବୋଲି ସନ୍ଦେହ କରାଯାଉଛି ।

## ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିଆକୁ ଜେଲ୍ ରେ ହତ୍ୟା

ନୂଆଦିଲ୍ଲୀ, ୨।୫(ପି.ଏନ): ପଶ୍ଚିମ ଜିଲ୍ଲା ସ୍ଥିତ ତିହାଡ଼ ଜିଲ୍ଲାରେ ପୁଣି ଥରେ ଗ୍ୟାଙ୍ଗୱାରକୁ ନେଇ ହତ୍ୟା ସାମ୍ନାକୁ ଆସିଛି । ଦିଲ୍ଲୀର କୁଖ୍ୟାତ ଅପରାଧୀ ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିଆ (୩୩)କୁ ୪ ଜଣ କଏଦୀ ଲୁହାର ଗ୍ରିଲରେ ପିଟି ପିଟି ହତ୍ୟା କରିଛନ୍ତି । ଟିଲ୍ଲୁ ତିହାଡ଼ ଜେଲ୍ ର ହାଇ ରିସ୍କରେ ବନ୍ଦ ଥିବା ବେଳେ ମଙ୍ଗଳବାର ସକାଳ ୬ଟା ୧୦ ମିନିଟ୍ ସମୟରେ ଏହି ଘଟଣା ଘଟିଛି । ଜେଲ୍ ମୁଖପାତ୍ର ଅରବିନ୍ଦ କୁମାର କହିଛନ୍ତି ଯେ, ତିହାଡ଼ ଜେଲ୍ ରେ କଏଦ୍ ଥିବା ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିଆ ଉପରେ ଜେଲ୍ ନମ୍ବର ୮ ରେ ବନ୍ଦ ଥିବା ଯୋଗେଶ ଟୁଂଡା, ଦୀପକ ଓରଫ ତିତର, ରାଜେଶ ଏବଂ ରିୟାଜ ଖାନ ଲୁହାର ଗ୍ରିଲ୍ ରେ ଆକ୍ରମଣ କରିଥିଲେ ।

## ମାନହାନୀ କେସ୍: ରାହୁଲ ଗାନ୍ଧିଙ୍କୁ ମିଳିଲାନି ଆଶ୍ୱସ୍ତି



ନୂଆଦିଲ୍ଲୀ, ୨।୫(ପି.ଏନ): ଅପରାଧିକ ମାନହାନୀ କେସ୍‌ରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲଦଣ୍ଡ ପାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଆଉ ଏକ ଝଟକା । ସେ ଦଣ୍ଡାଦେଶ ଉପରେ ଅନ୍ତରୀଣ ରୋକ ଲଗାଇବାକୁ ଦାବି କରି ଗୁଜରାଟ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ହାଇକୋର୍ଟ ଦଣ୍ଡାଦେଶ ଉପରେ କୌଣସି ପ୍ରକାରର ରୋକ ଲଗାଇ ନାହାନ୍ତି ।କୋର୍ଟ ଗ୍ରୀଷ୍ମ ଅବକାଶ ବା ଜୁନ ୪ ପରେ ତାଙ୍କ ଆବେଦନ ଉପରେ ରାୟ ଦେବେ ବୋଲି ଆଜି କହିଛନ୍ତି । ମୋଦି ସରନେମ ବୟାନ ପାଇଁ ଫେବୃଆରୀ ମାସରେ ସୁରତର ଗୋଟିଏ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହାପରେ ତାଙ୍କ ଲୋକସଭା ସଦସ୍ୟତା ପଦ ରଦ୍ଦ ହୋଇଛି । ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଚୂଡାନ୍ତ ରାୟ ପ୍ରକାଶ କରିବା ଯାଏ ସେ ଦଣ୍ଡାଦେଶ ଉପରେ ଅନ୍ତରୀଣ ରୋକ ଲଗାଇବାକୁ ନିବେଦନ କରିଥିଲେ । କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡିଛି ।

## ଛତିଶଗଡ଼ରେ ମାଓ ଆକ୍ରମଣ ପରେ ଓଡ଼ିଶାର ସବୁ ସୀମାନ୍ତ ଜିଲ୍ଲାରେ ହାଇ ଆଲର୍ଟ ଜାରି

ଭୁବନେଶ୍ୱର, ୨।୫(ପି.ଏନ): ଛତିଶଗଡ଼ରେ ମାଓବାଦୀ ମାନଙ୍କ ଆକ୍ରମଣ ପରେ ଓଡ଼ିଶାରେ ସବୁ ସୀମାନ୍ତ ଜିଲ୍ଲାରେ ଏବେ ହାଇ ଆଲର୍ଟ ଜାରି କରାଯାଇଛି । ଅତିରିକ୍ତ ଡିଜି, ଅପରେସନ ଅମିତାଭ ଠାକୁର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ପୂର୍ବରୁ ହାଇ ଆଲର୍ଟ କରାଯାଇଥିବା ବେଳେ ଏବେ ବରଗଡ଼ ଓ କଳାହାଣ୍ଡିରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି । ସେ ଆହୁରି କହିଛନ୍ତି ଯେ ଆମ ରାଜ୍ୟକୁ ୯୦ ପ୍ରତିଶତ ମାଓବାଦୀ ଛତିଶଗଡ଼ରୁ ହିଁ ଆସିଥାନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ନାକ୍ ଗ୍ରେଡିଂରେ କାହିଁକି ତଳକୁ ଖସିଲା ? କହିଲେ ପୂର୍ବତନ କୁଳପତି



ଭୁବନେଶ୍ୱର, ୨।୫(ପି.ଏନ): ରାଜ୍ୟର ନାଁ କରିଥିବା ତଥା ସରକାରଙ୍କ ଦ୍ୱାରା ପରିଚାଳିତ ଉତ୍କଳ ବିଶ୍ୱବିଦ୍ୟାଳୟ ନାକ୍ ଗ୍ରେଡିଂରେ କାହିଁକି ତଳକୁ ଖସିଲା । ଏହାକୁ ନେଇ ଅଲୋଚ଼ନା ସମାଲୋଚ଼ନା ବ଼ଢ଼ିବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାର ଓ ବ୍ୟୁରୋକ୍ରାଟଙ୍କୁ ଦାୟୀ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ ।ସେ ଅଭିଯୋଗ କରିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟରେ ବ୍ୟୁରୋକ୍ରାଟଙ୍କ ଅହେତୁକ ହସ୍ତକ୍ଷେପ ସହ ଏକାଡେମୀରେ ବ୍ୟୁରୋକ୍ରାଟ ନିଯୁକ୍ତ ହେବା ପରେ ପାଠପଢ଼ା ବାତାବରଣ ନଷ୍ଟ ହୋଇଛି । ଯଦି ବ୍ୟୁରୋକ୍ରାଟଙ୍କ ହସ୍ତକ୍ଷେପ ନ ହଟେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରେଡିଂ ଆହୁରି ତଳକୁ ଯିବ । ଦିନ ଆସିବ ସରକାର କୁଳପତି ପଦବୀରେ ପ୍ରଶାସକଙ୍କୁ ବସାଇବେ । ନାକ୍ ମାନ୍ୟତା ପାଇବାକୁ ହେଲେ ତଦାରଖ କରିବାକୁ ଆସିଥିବା କମିଟିକୁ ଉନ୍ନତ ଭିତିଭୂମି ସହ ବିଶ୍ୱବିଦ୍ୟାଳୟର ନୂଆ ଗବେଷଣା ଓ ନୂଆ ବହି କ'ଣ ତିଆରି ହୋଇଛି ଦେଖାଇବାକୁ ପଡିଥାଏ । ରିସର୍ଚ୍ଚ ଓ ପବ୍ଲିକେସନ ଛଡା ଛାତ୍ରଛାତ୍ରୀଙ୍କ ସାମାଜିକ ଯୋଗଦାନ, ପଦବୀ ପୂରଣ ପ୍ରଭୃତିଙ୍କୁ ଟିମ୍ ଦେଖିଥାଏ । ଯେହେତୁ ୨୦୧୬ ପରଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବିଧିବ୍ୟବସ୍ଥା ବଦଳାଇ ଦିଆଯାଇଛି, ତେଣୁ ଗ୍ରେଡିଂ ଖସିଛି ବୋଲି ବୋଲି ଶ୍ରୀ ରଥ କହିଛନ୍ତି ।

## ଝାରସୁଗୁଡାରେ ବୈଜୟନ୍ତଙ୍କ 'ଚ଼ାଏ ପେ ଚ଼ର୍ଚ୍ଚା' କାର୍ଯ୍ୟକ୍ରମ, ସାମିଲ ହେଲେ ସବୁବର୍ଗର ଲୋକ



ଭୁବନେଶ୍ୱର, ୨।୫(ପି.ଏନ): ଝାରସୁଗୁଡା ବିଧାନସଭା ଉପନିର୍ବାଚ଼ନ ପାଇଁ ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚ଼ାର ମଇଦାନକୁ ଓହ୍ଲାଇଥିବା ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଆଜି 'ଚ଼ାଏ ପେ ଚ଼ର୍ଚ୍ଚା' କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକଙ୍କ ସହ ଭାବ ବିନିମୟ କରିଛନ୍ତି । ଉପନିର୍ବାଚ଼ନରେ ବିଜେପିର ଷ୍ଟାର କ୍ୟାମ୍ପେନର ଶ୍ରୀ ପଣ୍ଡା ଆଜି ସକାଳେ ଝାରସୁଗୁଡା ସହରର କାଳି ମନ୍ଦିର ରାସ୍ତାରେ ଏକ ଚ଼ା' ଦୋକାନ ନିକଟରେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ, ମହିଳା, ଯୁବକ, ଛାତ୍ର ଓ କର୍ମଜୀବୀମାନଙ୍କ ସହ 'ଚ଼ାଏ ପେ ଚ଼ର୍ଚ୍ଚା' କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ସହ ଆଲୋଚ଼ନା କରିଥିଲେ । ରାଜ୍ୟରେ କ୍ଷମତାସୀନ ବିଜେଡିର ମାଫିଆ ସରକାରକୁ ଏବେ ଝାରସୁଗୁଡାବାସୀ ତୀବ୍ର ବିରୋଧ କରୁଛନ୍ତି ବୋଲି ଶ୍ରୀ ପଣ୍ଡା କହିଥିଲେ ।

## ଗୁଣ୍ଡୁଣିଆ ପଂଚାୟତରେ ଉପ ନିର୍ବାଚନ ଶେଷ : ୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

ଚମ୍ପୁଆ, ୨।୫(ପି.ଏନ): ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ପଂଚାୟତର ସରପଂଚ ପଦ ପାଇଁ ଆଜି ଉପ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବାବେଳେ ଭୋଟ ବାକ୍ସରେ ୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଛି । କାର୍ଯ୍ୟରତ ସରପଂଚ ଶିଙ୍ଗରାୟ ମୁଣ୍ଡାଙ୍କ ଦେହାନ୍ତ ପରେ ସରପଂଚ ପଦବୀ ପାଇଁ ଏହି ଉପ ନିର୍ବାଚନ ଅନୁଷ୍ଠିତ ହୋଇଛି । ଗୁଣ୍ଡୁଣିଆ ପଂଚାୟତର ୨୨୬୮ ଭୋଟର ୧୧ ଟି ବୁଥରେ ଭୋଟ ଦେଇଥିବା ବେଳେ ନିର୍ବାଚନ ମଇଦାନରେ ୪ ଜଣ ସରପଂଚ ପ୍ରାର୍ଥୀ ରହିଛନ୍ତି । ଏପ୍ରିଲ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପଂଚାୟତର ସରପଂଚ ପଦବୀ ପାଇଁ ନାମାଙ୍କନ ଗ୍ରହଣ କରାଯାଇଥିବା ବେଳେ ଏପ୍ରିଲ ୧୦ରେ ଯାଂଚ୍‌ ଓ ଏପ୍ରିଲ ୧୨ରେ ନାମାଙ୍କନ ପ୍ରତ୍ୟାହାର ହୋଇଥିଲା । ଏହାପରେ ଆଦିବାସୀ ସଂରକ୍ଷିତ ଏହି ଆସନ ପାଇଁ ୪ ଜଣ ପ୍ରାର୍ଥୀ ଶ୍ରୀଧର ମୁଣ୍ଡା (ମାଛ ଚିହ୍ନ), ହରେକୃଷ୍ଣ ମୁଣ୍ଡା (ସୂର୍ଯ୍ୟ ଚିହ୍ନ), ବୁଦ୍ଧଦେବ ମୁଣ୍ଡା (ଖୋଲା ବହି ଚିହ୍ନ) ଏବଂ ଲଛମନ ମୁଣ୍ଡା (ଛତା ଚିହ୍ନ) ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ଆଜି ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଦିନ ୧ ଟା ବେଳେ ଶେଷ ହୋଇଥିବାବେଳେ ସମୁଦାୟ ୮୨ ପ୍ରତିଶତ ଭୋଟର ମତଦାନ କରିଥିବା ନିର୍ବାଚନ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ପଂଚାୟତର ୧୧ ଗୋଟି ୱାର୍ଡ ପାଇଁ ୬ଟି ସ୍କୁଲରେ ୧୧ ଗୋଟି ବୁଥ ଜରିଆରେ ଭୋଟ ଗ୍ରହଣ ହୋଇଛି ।

## ବଜରଙ୍ଗବାଲୀଙ୍କୁ କଂଗ୍ରେସ ତାଲା ପକାଇ ଦେବାକୁ ଚ଼ାହୁଁଛି ବୋଲି କହିଲେ ମୋଦି



ନୂଆଦିଲ୍ଲୀ, ୨।୫(ପି.ଏନ): କର୍ଣ୍ଣାଟକାରେ କଂଗ୍ରେସ କ୍ଷମତାକୁ ଆସିଲେ ପିଏଫଆଇ ଓ ବଜରଙ୍ଗ ଦଳ ଭଳି ସାମାଜରେ ବିଦ୍ୱେଷ ସୃଷ୍ଟି କରୁଥିବା ସଂଗଠନଗୁଡିକୁ ବ୍ୟାନ କରିବ ବୋଲି କହିଛି । ଏହାକୁ ଦଳ ତା'ର ନିର୍ବାଚ଼ନୀ ହିସ୍ତାହାରରେ ମଧ୍ୟ ସାମିଲି କରିଛି । କଂଗ୍ରେସ ତା'ର ଇସ୍ତାହାରରେ ବଜରଙ୍ଗ ଦଳ କଥା କହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବାନ ହନୁମାନ ବା ବଜରଙ୍ଗବାଲୀଙ୍କ କଥା କହିଛନ୍ତି । ଏହି ପ୍ରସଙ୍ଗରେ ସେ କଂଗ୍ରେସକୁ ତୀବ୍ର ସମାଲୋଚ଼ନା କରିଛନ୍ତି । କର୍ଣ୍ଣାଟକାର ହୋସପେଟରେ ଆୟୋଜିତ ନିର୍ବାଚ଼ନ ରାଲିରେ ମୋଦି କହିଛନ୍ତି, "ପୂର୍ବରୁ ଭଗବାନ ରାମଙ୍କୁ ନେଇ କଂଗ୍ରେସର ସମସ୍ୟା ଥିଲେ । ଏବେ ଦଳ ଜୟ ବଜରଙ୍ଗବାଲୀ କହୁଥିବା ଲୋକଙ୍କ ଉପରେ ରୋକ ଲଗାଇବାକୁ ଚ଼ାହୁଁଛି ।ଭଗବାନ ହନୁମାନଙ୍କ ମାଟିରେ ମୁଁ ଯେତେବେଳେ ମୋ ସମ୍ମାନ ଜଣାଇବାକୁ ଆସିଛି ସେତେବେଳେ କଂଗ୍ରେସ ତା'ର ନିର୍ବାଚ଼ନୀ ଇସ୍ତାହାରରେ ବଜରଙ୍ଗବାଲୀଙ୍କୁ ଲକ କରିବାକୁ ନିଷ୍ପତ୍ତି ନେଇଛି । ଆମେ କେବେ ହେଲେ କାହାକୁ କର୍ଣ୍ଣାଟକାର ସମ୍ମାନ ଓ ସଂସ୍କୃତିକୁ କ୍ଷତି ପହଞ୍ଚାଇବାକୁ ଦେବୁ ନାହିଁ ।"

## ଗ୍ରୀଷ୍ମ ଋତୁ ବାତ୍ୟା ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୫(ପି.ଏନ): ବଙ୍ଗପୋସାଗରରେ ମେ ମାସ ରେ ବାତ୍ୟାର ଆସି ଥାଏ. ଗତ ତିନି ବର୍ଷ ମଧ୍ୟରେ ଓଡିଶା ମଧ୍ୟ ମେ' ମାସ ବାତ୍ୟା ର ସମ୍ମୁଖୀନ ହୋଇଛି । ଏ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଗ୍ରୀଷ୍ମ ଋତୁ ର ବାତ୍ୟା ସମ୍ପର୍କରେ ଆଲୋଚନା କରିଥିଲେ .ଗ୍ରୀଷ୍ମ ରୁତୁ ବାତ୍ୟା ର ର ଗତି ଜଟିଳ । ଫନି ବାତ୍ୟା ସମ୍ପର୍କରେ ସ୍ମରଣ କରି ପ୍ରଶାସନ ସବୁବେଳେ ପ୍ରସ୍ତୁତ ରହିବାକୁ ଦୃଢ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗ୍ରୀଷ୍ମ ଋତୁରେ ଯେଉଁ ବାତ୍ୟା ଆସେ, ତାର ଆକଳନ ବହୁତ ଜଟିଳ । ୨୦୧୯ରେ ଫନି ବାତ୍ୟା ମଧ୍ୟ ଏହିପରି ଅଚାନକ ଆସି ବ୍ୟାପକ କ୍ଷୟକ୍ଷତି କରିଥିଲା । ଆମ ପାଇଁ ସବୁ ଜୀବନ ମୂଲ୍ୟବାନ । ତେଣୁ ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ପଡିବ ।ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସହିତ ଏନଡିଆରଏଫ୍, ଓଡ୍ରାଫ ଓ ଅଗ୍ନିଶମ ସେବା ଆଦି ଆଗୁଆ ରହିବାକୁ ସେ ପରାମର୍ଶ ଦେବା ସହିତ ଆବଶ୍ୟକ ସହିତ ଉପକୂଳ ଓ ତଳୁଆ ଅଂଚଳରୁ ଅସୁରକ୍ଷିତ ସ୍ଥାନରେ ଥିବା ସବୁ ଲୋକଙ୍କୁ ସ୍ଥାନାନ୍ତର କରି ବାତ୍ୟା ଆଶ୍ରୟସ୍ଥଳରେ ସୁରକ୍ଷିତ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ । ସବୁ ଅତ୍ୟାବଶ୍ୟକ ମେସିନ୍ ଓ ଯନ୍ତ୍ରପାତିକୁ ପ୍ରସ୍ତୁତ ରଖିବାକୁ ସେ କହିଥିଲେ । ବାତ୍ୟା ପରେ ମଧ୍ୟ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ ।ମୁଖ୍ୟ ଶାସନ ସଚିବ ବାତ୍ୟା ସଂପର୍କରେ ନିୟମିତ ସମୀକ୍ଷା କରିବା ସହିତ ସ୍ୱତନ୍ତ୍ର ରିଲିଫ କମିଶନର ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖି ସମସ୍ତ ବିଭାଗ ସହିତ ସମନ୍ୱୟ ରଖି କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ ଯେ ସବୁ ବାତ୍ୟା ମଧ୍ୟରେ ଗ୍ରୀଷ୍ମ ଋତୁର ବାତ୍ୟାର ପ୍ରଭାବ ବହୁତ ବେଶି ହୋଇଥାଏ । ଗତ କିଛି ବର୍ଷ ଧରି ଆମେ ରାଜ୍ୟରେ ଜିରୋ କାଜୁଆଲଟି ନୀତି ଅବଲମ୍ବନ କରି ସଫଳତା ପାଇଛୁ । ଏ କ୍ଷେତ୍ରରେ ମଧ୍ୟ ଆମର ନିୟମିତ ସମୀକ୍ଷା ଜାରି ରହିଛି ଏବଂ ସବୁ ସଂପୃକ୍ତ ବିଭାଗ ମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ ମାନଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟ ୧୦୦୦ଟି ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ ଅଛି ଏବଂ ଅନ୍ୟାନ୍ୟ ସ୍କୁଲ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଲେ ଯେ ୧୮ଟି ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ କଂଟ୍ରୋଲ ରୁମ୍ ପ୍ରସ୍ତୁତ କରାଯାଇଛି । ବାତ୍ୟା ଆଶ୍ରୟସ୍ଥଳ ଗୁଡିକୁ କାର୍ଯ୍ୟକ୍ଷମ କରାଯାଉଛି । ୧୭ଟି ଏନଡିଆରଏଫ ଓ ୨୦ଟି ଓଡ୍ରାଫ୍ ଟିମ୍ କୁ ପ୍ରସ୍ତୁତ ରଖାଯାଇଛି । ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂସଲ, ଉନ୍ନୟନ କମିଶନର (ଜଳସଂପଦ) ଶ୍ରୀମତୀ ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗ ସଂଜୟ ସିଂ, କୃଷି ବିଭାଗ ସଚିବ ଅରବିନ୍ଦ ପାଢୀ ପ୍ରମୁଖ ନିଜ ନିଜ ବିଭାଗର ପ୍ରସ୍ତୁତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡେଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଅଧିକ ଫିଲ୍ମ, କମ୍ ଦର୍ଶକ



କରୋନାର ମହାପ୍ରକୋପ ପାଖାପାଖି ଦୁଇ ବର୍ଷ ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ଅନେକ ସିନେମା ହଲ ମଧ୍ୟ ବନ୍ଦ ହୋଇଯାଇଛି। ତେବେ ପରବର୍ତ୍ତୀ ସମୟରେ ଯଦିଓ କିଛି କିଛି ନୂଆ ଚଳଚ୍ଚିତ୍ର ତିଆରି ହୋଇ ମୁକ୍ତିଲାଭ କଲାଣି। ବିଶ୍ୱରେ ଭାରତ ଦ୍ୱିତୀୟ ଜନବହୁଳ ଦେଶ। କିନ୍ତୁ ଫିଲ୍ମ ଦେଖିବାକୁ ଯାଉଥିବା ଭାରତୀୟ ସିନେ ଦର୍ଶକଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ସେହିପରି ବିଶ୍ୱର ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଚଳଚ୍ଚିତ୍ର ଭାରତରେ ନିର୍ମିତ ହୋଇଥାଏ। ତେବେ ଏ କୃତିତ୍ୱ ଭିତରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଦେଖା ଦେଇଥିବା ଏକ ବିରୋଧାଭାସକୁ ଅଣଦେଖା କରାଯାଇ ନପାରେ। ବିଗତ ଦଶକରେ ଫିଲ୍ମ ସଂଖ୍ୟା ବଢ଼ି ଥିଲାବେଳେ ସିନେ ଦର୍ଶକଙ୍କ ସଂଖ୍ୟା କମି ଚାଲିଛି। ବିଶ୍ୱର ୬୯ଦେଶରେ ଚଳଚ୍ଚିତ୍ର ଶିଳ୍ପ ଓ ବକ୍ସଅଫିସ କରାବାର ନେଇ ଜାତିସଂଘ ସଂସ୍ଥା ୟୁନେସ୍କୋ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଏହି ସୂଚନା ମିଳିଛି। ୟୁନେସ୍କୋ ରିପୋର୍ଟ ଅନୁଯାୟୀ ଗତ ୨୦୧୨ରୁ ୨୦୨୨ ଦଶବର୍ଷ ମଧ୍ୟରେ ଭାରତରେ ନିର୍ମିତ ଚଳଚ୍ଚିତ୍ର ସଂଖ୍ୟା ଦ୍ୱିଗୁଣିତ ହୋଇଛି। ୨୦୧୨ରେ ଦେଶରେ ପ୍ରାୟ ଏକ ହଜାର ସିନେମା ତିଆରି ହୋଇଥିବା ବେଳେ ୨୦୨୨ ବେଳକୁ ତାହା ୨୧୦୭କୁ ବୃଦ୍ଧି ପାଇଥିଲା। ୟୁନେସ୍କୋ ମାପକାଠି ଅନୁଯାୟୀ ବ୍ୟବସାୟିକ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଷାଠିଏ ମିନିଟ୍ କିମ୍ବା ତା ଠାରୁ ଅଧିକ ଅବଧିର ଯେ କୌଣସି ଚଳଚ୍ଚିତ୍ର ସେ କାହାଣୀ / ବିଷୟ ଆଧାରିତ ଅବା ଆନିମେସନ କିମ୍ବା ବୃତ୍ତି ଚିତ୍ର ହେଉ – ଫିଚର ଫିଲ୍ମ ଶ୍ରେଣୀଭୁକ୍ତ ଉଲ୍ଲେଖନୀୟ ହେଲା ଦେଶରେ ହିନ୍ଦୀ ଏବଂ ଅନ୍ୟ ଆଞ୍ଚଳିକ ଭାଷାରେ ଯେତିକି ସଂଖ୍ୟକ ସିନେମା ନିର୍ମିତ ହୁଏ ତାର ଅଧା ବି ସିନେମା ଏକନମ୍ବର ଜନବହୁଳ ଚୀନ କିମ୍ବା ବିଶ୍ୱର ଫିଲ୍ମ ଶିଳ୍ପର ରାଜଧାନୀ ଆମେରିକାର ହଲିଉଡରେ ତିଆରି ହୁଏନାହିଁ। ଉଭୟ ଚୀନ ଓ ଆମେରିକାରେ ବାର୍ଷିକ ନିର୍ମିତ ହେଉଥିବା ଫିଲ୍ମ ସଂଖ୍ୟା ଏକହଜାରରୁ କମ୍। ଜନସଂଖ୍ୟା ଦୃଷ୍ଟିରୁ ଭାରତଠାରୁ ଚୀନ ଆଗରେ। ଅଥଚ ଚୀନର ସିନେ ଦର୍ଶକଙ୍କ ସଂଖ୍ୟା ୨୦୨୧ରେ ୧୨୬୦ ନିୟୁତ। ସିନେ ଦର୍ଶକଙ୍କ ସଂଖ୍ୟା ଦୃଷ୍ଟିରୁ ଆମେରିକାର ସ୍ଥାନ ତୃତୀୟରେ। ସିନେ ଦର୍ଶକଙ୍କ ମୋଟ ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନ ବଜାୟ ରଖିଥିଲେ ମଧ୍ୟ ବିଗତ ଗୋଟିଏ ଦଶକରେ ଦେଶରେ ଫିଲ୍ମ ଦେଖିବାକୁ ଯାଉଥିବା ଦର୍ଶକଙ୍କ ସଂଖ୍ୟା ଲଗାତାର କମି ଚାଲିଛି। ୨୦୧୨ରୁ ୨୦୨୨ ମଧ୍ୟରେ ବାର୍ଷିକ ହାରାହାରି ୩୦୦୦ ନିୟୁତ ଦର୍ଶକ ଫିଲ୍ମ ଦେଖିବାକୁ ଯାଉଥିଲେ। ୨୦୦୯ରୁ ୨୦୧୨ ମଧ୍ୟରେ ଏହି ସଂଖ୍ୟା ୨୦୦୭ ଥିଲା।

ସିନେମା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ମୋଟ ରୂପେଲି ପରଦା ସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥାନ ତୃତୀୟ। କିନ୍ତୁ ଲୋକସଂଖ୍ୟା ଅନୁପାତରେ ହଲ୍/ପରଦା ସଂଖ୍ୟା ବିଚାର କଲେ ଭାରତର ସ୍ଥାନ ୬୯ ଦେଶଙ୍କ ଭିତରେ ସବୁଠାରୁ ତଳେ। ଭାରତରେ ପ୍ରତି ଏକ ଲକ୍ଷ ଲୋକସଂଖ୍ୟାର ୦.୯ଟି ପରଦା ଥିବାବେଳେ ଆମେରିକାରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ୧୪ଟି ପରଦା ଅଛି। ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ଭାରତର ମୋଟ ପରଦା ସଂଖ୍ୟା ୧୧୧୮୯। ଆମେରିକା ଓ ଚୀନ୍‌ରେ ସିନେ ପରଦା ସଂଖ୍ୟା ଯଥାକ୍ରମେ ୪୦ ହଜାର ଓ ୩୧ ହଜାର। ସବୁଠାରୁ ଅଧିକ ସଂଖ୍ୟକ ଫିଲ୍ମ ତିଆରି ହେଉଥିଲେ ମଧ୍ୟ ବକ୍ସ ଅଫିସ କାରବାରରେ ଭାରତର ସ୍ଥାନ ଚତୁର୍ଥ। ଭାରତରେ ହାରାହାରି ବାର୍ଷିକ ବକ୍ସ ଅଫିସ ଆୟ ପରିମାଣ ୧.୯ ବିଲିଅନ ଡଲାର ଥିବାବେଳେ ୧୧.୪ ବିଲିଅନ ଡଲାର ସହ ଆମେରିକା ଏକ ନମ୍ବର ଓ ୬.୬ ବିଲିଅନ୍ ଡଲାର ସହ ଚୀନ ଦୁଇ ନମ୍ବରରେ ରହିଛି। ବକ୍ସ ଅଫଇସ କାରବାରରେ ତୃତୀୟ ସ୍ଥାନରେ ରହିଛି ଜାପାନ (୨ମିଲିଅନ୍ ଡଲାର)। ୟୁନେସ୍କୋ ରିପୋର୍ଟ ଅନୁଯାୟୀ ଭାରତ ଓ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଚୀନରେ ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧି ଅଧିକ। ଏହି ଧାରା ଜାରି ରହିଲେ ଚୀନ୍ ଅଦୂର ଭବିଷ୍ୟତରେ ଆମେରିକାକୁ ଟପି ଯାଇ ଚଳଚ୍ଚିତ୍ର ଶିଳ୍ପରେ ଶୀର୍ଷ ସ୍ଥାନ ଅଧିକାର କରିବ ବୋଲି ଆକଳନ କରାଯାଉଛି। ଭାରତୀୟ ସିନେମାରେ ମଧ୍ୟ ପ୍ରଚୁର ଦର୍ଶକୀୟ ଆଦୃତି ରହିଛି ଯଦିଓ କରୋନା ସମୟରେ ଅନେକ ସିନେମା ମୁକ୍ତିଲାଭ କରିପାରିଲାନି ଏବଂ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ବଡ଼ କ୍ଷତି ସହିଲା। ତେବେ ଏ ସବୁ ଭିତରେ ଓଟିଟି ପ୍ଲାଟଫର୍ମରେ ଅନେକ ସିନେମା ମୁକ୍ତିଲାଭ କରି ଦର୍ଶକଙ୍କୁ ଖୁସି ଦେଇପାରିଛି। ତେବେ ଭଗବାନ କରନ୍ତୁ କରୋନା କଟକଣା ହଟିଯାଉ ଏବଂ ସର୍ବୋପରି କରୋନାର ପ୍ରକୋପ ଅନ୍ତ ହେଉ ଯାହାଦ୍ୱାରା ଦର୍ଶକମାନେ ପୂର୍ବପରି ସପରିବାର ସିନେମା ହଲକୁ ଯାଇ ଚଳଚ୍ଚିତ୍ର ଦେଖିପାରିବେ। ଯଦିଓ ବର୍ତ୍ତମାନର ସୂଚନା ପ୍ରଯୁକ୍ତି ଓ ସୋସିଆଲ ମିଡ଼ିଆ ଯୁଗରେ ହାତପାଆନ୍ତାରେ ସବୁ ଚଳଚ୍ଚିତ୍ର ଉପଲବ୍ଧ ତେବେ ଯାହାହେଲେ ବି ସିନେମା ହଲର ଖୁସି ନିଆରା।




**ନାଟ୍ୟସାରଥି ଅଭୟ କୁମାର ଦାସ**
ଗୋଡରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ଯକ୍ଷ୍ମାର ବିଭୀଷିକା ଓ ଭାରତ






ମାର୍ଚ୍ଚ ୨୪ ତାରିଖ ବିଶ୍ୱ ଯକ୍ଷ୍ମା ଦିବସ। ଏହି ଅବସରରେ ଜନସାଧାରଣ ସଂକ୍ରାମକ ଯକ୍ଷ୍ମା ରୋଗର ସଂପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସଂକଳ୍ପବଦ୍ଧ ହେବା ସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥାଏ। ସମୟ ଥିଲା, ଯେତେବେଳେ ରାଜଯକ୍ଷ୍ମା ନାମରେ ପରିଚିତ ଏହି ବ୍ୟାଧିରେ ଆକ୍ରାନ୍ତ ହୋଇ ଅସଂଖ୍ୟ ଜୀବନ ଅକାଳରେ ଝଡ଼ି ପଡୁଥିଲା। ଗୋଟିଏ ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ, ଅନ୍ୟମାନଙ୍କୁ ମଧ୍ୟ ଏହା ସଂକ୍ରମିତ ହୋଇ ଏକ ବିଭୀଷିକାମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ସେତେବେଳେ ଏହା ଏକ ଦୁରାରୋଗ୍ୟ ବ୍ୟାଧି ରୂପେ ପରିଗଣିତ ହେଉଥିଲା। ଇଜିପ୍ଟ ଦେଶରେ ହଜାର ହଜାର ବର୍ଷ ପୂର୍ବର 'ମମି'ରେ ମଧ୍ୟ ଯକ୍ଷ୍ମା ରୋଗର ନମୁନା ଦେଖିବାକୁ ମିଳିଥିଲା। ଅର୍ଥାତ୍ ଏତେ ପ୍ରାଚୀନ କାଳରେ ମଧ୍ୟ ଯକ୍ଷ୍ମା ଏକ ଭୟଙ୍କର ଘାତକ ବ୍ୟାଧି ଭାବରେ ଆତଙ୍କ ସୃଷ୍ଟି କରିଥିଲା। ୧୮୮୨ ମସିହା ମାର୍ଚ୍ଚ ୨୪ ତାରିଖରେ ସାର୍ ରବର୍ଟ ଜ୍ୟାକ୍ ସର୍ବପ୍ରଥମେ ଏହି ରୋଗ 'ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍' ନାମକ ଜୀବାଣୁରୁ ବ୍ୟାପୁଛି ବୋଲି ଜାଣିବାକୁ ପାଇଥିଲେ। ଏହା ପୂର୍ବରୁ ଯକ୍ଷ୍ମା ରୋଗର କାରଣ ସମସ୍ତଙ୍କ ପାଇଁ ଅଜଣା ଥିଲା। ତାଙ୍କର ଏହି ଗବେଷଣା ଯୋଗୁଁ ଯକ୍ଷ୍ମାର ଚିକିତ୍ସା ଓ ନିୟନ୍ତ୍ରଣ ବିଶେଷ ଫଳପ୍ରଦ ହୋଇପାରିଥିଲା। ୧୯୮୨ ମସିହାରେ ଏହି ଜୀବାଣୁ



ଅନ୍ୱେଷଣର ଏକ ଶହ ବର୍ଷ ପୂରଣ ହେବା ଯୋଗୁଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ରୂପେ ପାଳନ କରିଆସୁଛି। ଏହି ଦିବସରେ ଯକ୍ଷ୍ମା ରୋଗ ସଂପର୍କରେ ଜନ ସଚେତନତା ଅଭିଯାନକୁ ବ୍ୟାପକ କରାଯାଇଥାଏ, ଯାହାଫଳରେ ଏହି ରୋଗକୁ ନେଇ ରହିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ପ୍ରୟାସ କେତେକାଂଶରେ ସଫଳ ହୁଏ। ଯକ୍ଷ୍ମା ସମାଜର ସବୁ ବର୍ଗ ତଥା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ। ବିଶ୍ୱର ଅନେକ ମହାନ୍ ଖ୍ୟାତିସଂପନ୍ନ ବ୍ୟକ୍ତି ଏହି ରୋଗର ଶିକାର ହୋଇଥିବାର ଦୃଷ୍ଟାନ୍ତ ରହିଛି। ସାଧାରଣତଃ ଜନସାଧାରଣଙ୍କ ମଧ୍ୟରେ ଏକ ଭୁଲ ଧାରଣା ରହିଛି ଯେ, ଏହା ଜିନ୍‌ଗତ ଦୋଷରୁ ହୋଇଥାଏ। ମାତ୍ର ତାହା ଆଦୌ ଠିକ୍ ନୁହେଁ। ଗୋଟିଏ ଛୋଟ କୋଠରୀ ଭିତରେ ଅନେକ ଲୋକ ଏକ ସଙ୍ଗେ ରହିଲେ, ଏହି ରୋଗ ବ୍ୟାପିଥାଏ। ଏହି ବ୍ୟାକ୍ଟେରିଆ ଶରୀରର ସମସ୍ତ ଅଙ୍ଗକୁ ସଂକ୍ରମିତ କରିଦିଏ। ସାଧାରଣତଃ ଏହା ମସ୍ତିଷ୍କ, ହାଡ଼, ଗଣ୍ଠି, ଜରାୟୁ, ଆଖି, ଚମଡ଼ା, ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍, ଖାଦ୍ୟନଳୀ, ଯକୃତ, ବୃକକ୍, ପ୍ଲିହା, ଅଗ୍ନ୍ୟାଶୟ ଓ ଜନନେନ୍ଦ୍ରିୟ ଇତ୍ୟାଦି ସଂକ୍ରମିତ କରି ରୋଗୀର ମୃତ୍ୟୁର କାରଣ ହୋଇଥାଏ। ମହିଳାଙ୍କ ମଧ୍ୟରେ ବନ୍ଧ୍ୟା ଦୋଷର ମୁଖ୍ୟ କାରଣ ହେଉଛି, ସେମାନେ ଜରାୟୁ ଯକ୍ଷ୍ମାରେ ସଂକ୍ରମିତ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ଆମ ଦେଶରେ ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ଲୋକଙ୍କ ଠାରେ ଏହି ଜୀବାଣୁ ରହିଛି। ମାତ୍ର ରୋଗ କେବଳ ଦେଢ଼ ପ୍ରତିଶତ ଜନସଂଖ୍ୟା ମଧ୍ୟରେ ରହିଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି। ଯଦି ଜଣେ ବ୍ୟକ୍ତି ମଧୁମେହ କିମ୍ବା ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ହୁଏ ତେବେ ସେ ଯକ୍ଷ୍ମାରେ ଆକ୍ରାନ୍ତ ହେବାର ଆଶଙ୍କା ଅନେକ ଗୁଣ ବୃଦ୍ଧି ପାଇଥାଏ। ରୋଗୀର ରୋଗପ୍ରତିରୋଧକ ଶକ୍ତି କମିଗଲେ ଏହି ଟିବି ଜୀବାଣୁ ଶରୀରର ସମସ୍ତ ଅଂଶକୁ  ଆକ୍ରାନ୍ତ କରେ ଏହାକୁ ଟ୍ୟୁବରକ୍ୟୁଲାସ୍ ସେପଟିସିମିଆ କୁହାଯାଏ। ଭାରତରେ ପ୍ରତିଦିନ ପ୍ରାୟ ୪୦ ହଜାରରୁ ଅଧିକ ଲୋକ ଯକ୍ଷ୍ମାରେ ସଂକ୍ରମିତ ହୋଇଥାନ୍ତି। ଦେଶରେ ପ୍ରତି ଦେଢ଼ ମିନିଟ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଯକ୍ଷ୍ମା ରୋଗ ଦ୍ୱାରା ହେଉଛି। ସମଗ୍ର ବିଶ୍ୱରେ ପ୍ରତିବର୍ଷ ୧୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଉଥିବା ବେଳେ ଆର୍ଥିକ ବିକାଶକୁ ମଧ୍ୟ ଏହା ପ୍ରଭାବିତ କରିଥାଏ। ଭାରତରେ ପ୍ରତିବର୍ଷ ଏଥିପାଇଁ ୧୨ ହଜାର କୋଟି ଟଙ୍କା କ୍ଷତି ଘଟୁଛି ଏବଂ ବହୁ ସଂଖ୍ୟକ କାର୍ଯ୍ୟ ଦିବସ ପ୍ରଭାବପିତ ହେଉଛି। ଯକ୍ଷ୍ମା ଯୋଗୁଁ ପ୍ରତିବର୍ଷ ଦେଶରେ ପ୍ରାୟ ଏକ ଲକ୍ଷ ମହିଳାଙ୍କ ସହ ସଂପର୍କ ଛିନ୍ନ କରାଯାଉଛି ଏବଂ ତିନିଲକ୍ଷ  ଶିଶୁ ବିଦ୍ୟାଳୟ ଛାଡ଼ିବାକୁ ବାଧ ହେଉଛନ୍ତି।

ସର୍ବଶେଷ ତଥ୍ୟ ଅନୁଯାୟୀ ଆମ ଦେଶରେ ମାତୃ ମୃତ୍ୟୁହାର ତୁଳନାରେ ଯକ୍ଷ୍ମା ଜନିତ ମୃତ୍ୟୁହାର ଯଥେଷ୍ଟ ଅଧିକ। ଶିଶୁଙ୍କ ବିସିଜି ଟୀକା ଦିଆଯିବା ଦ୍ୱାରା ଏହି ରୋଗ କିଛି ପରିମାଣରେ ନିୟନ୍ତ୍ରିତ ହେଉଛି। ଭାରତରେ ଅବଶ୍ୟ ଏହି ରୋଗ ପାଇଁ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଏହି ରୋଗକୁ ଏ ପର୍ଯ୍ୟନ୍ତ ଦେଶରୁ ସଂପୂର୍ଣ୍ଣ ମୂଳପୋଛ କରିବା ସମ୍ଭବପର ହୋଇନାହିଁ। ରାଜଯକ୍ଷ୍ମା ଏବେ ସମଗ୍ର ଦେଶରେ ଏକ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ପ୍ରାଦୁର୍ଭାବ କିଛି କମ ନୁହେଁ। ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ସାରା ଦେଶରେ ଥିବା ଯକ୍ଷ୍ମା ଆକ୍ରାନ୍ତଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଓଡ଼ିଶାରେ ଅଛନ୍ତି। ଓଡ଼ିଶାରେ ଯକ୍ଷ୍ମା ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଚାନ୍ଦପୁରଠାରେ କିଛି ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ। ଅନ୍ୟାନ୍ୟ ମେଡ଼ିକାଲ କଲେଜ ଓ ସରକାରୀ ଚିକିତ୍ସାଳୟରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଅଭିଜ୍ଞତାରୁ ଦେଖାଯାଉଛି ଯେ, ବହୁତ ଗରିବ ରୋଗୀମାନେ ସରକାରଙ୍କର ଚିକିତ୍ସା ପାଣ୍ଠି ଓ ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନା ମାଧ୍ୟମରେ ମାଗଣାରେ ଏହି ଚିକିତ୍ସା ପାଉଛନ୍ତି। ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହ ତାଳଦେଇ ଯକ୍ଷ୍ମା ରୋଗର ନିରାକରଣ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ଦେଖା ଦେଇଛି।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ଦି'ବ୍ରେନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ରାଜଯକ୍ଷ୍ମା ଦିବସ ପାଳିତ




କଟକ (ପିଏନ୍): ସୂଚନା ଥାଉକି ୧୮୮୨ ମସିହା ଆଜିର ଦିନରେ ଜର୍ମାନ ଗବେଷକ ଡାକ୍ତର ରର୍ବଟ କୋଚ ଏହି ମାରାତ୍ମକ ବ୍ୟାଧି ସୃଷ୍ଟିକାରୀ ବୀଜାଣୁ 'ମାଇକୋବାକ୍ଟେରିଅମ୍ ଟ୍ୟୁବରକଲୋସିସ'ର ଆବିଷ୍କାର କରିଥିଲେ। ସୂଚନା ଥାଉକି ୨୦୨୦ରେ ବିଶ୍ୱର ଏକ କୋଟି ଲୋକ ଏଥିରେ ଆକ୍ରାନ୍ତ ହୋଇଥିଲେ ଏବଂ ପନ୍ଦର ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ଆକ୍ରାନ୍ତତ ହେଉଥିବା ଏବଂ ପ୍ରାଣ ହରାଉଥିବା ରୋଗୀଙ୍କ ସଂଖ୍ୟା ସଂପ୍ରତି ଭାରତରେ ସର୍ବାଧିକ। ଠିକ ସମୟରେ ଚିକିତ୍ସା ଦ୍ୱାରା ୨୦୦୦ ମସିହାରୁ ଏ ଯାଏ ବିଶ୍ୱର ୬.୬ କୋଟି ରାଜଯକ୍ଷ୍ମା ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି। ତେବେ କୋଭିଡ଼-୧୯ ମହାମାରୀ କାରଣରୁ ଏହାର ନିରାକରଣରେ ବାଧା ସୃଷ୍ଟି ହୋଇଛି। ଏକ ଦଶନ୍ଧି ପରେ ପ୍ରଥମ ଥର ପାଇଁ ୨୦୨୦ରେ ରାଜଯକ୍ଷ୍ମାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି 'ରାଜଯକ୍ଷ୍ମାର ଲୋପ ପାଇଁ ବିନିଯୋଗ କରନ୍ତୁ। ଜୀବନ ବଞ୍ଚାନ୍ତୁ'। ଏହି ପ୍ରସଙ୍ଗ ମାଧ୍ୟମରେ ରାଜଯକ୍ଷ୍ମାର ନିରାକରଣ ଲାଗି ବିନିଯୋଗ ଓ ସମ୍ବଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶିଷ୍ଟ ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ସମାଜ ସେବିକା ଆଇନଜୀବୀ ଡକ୍ଟର ଗାୟତ୍ରୀ ଦେବୀ, ଅନ୍ୟତମ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଡ଼ଭୋକେଟ ସମ୍ବିତ କର, ରଶ୍ମିରଞ୍ଜନ ମହାପାତ୍ର, ବାସୁଦେବ ସାହୁ, ବ୍ରଜ କିଶୋର ବେହେରା, ବିକ୍ରମ ମଲ୍ଲିକ, ଭିକାରୀ ରାଉତ, ବେଣୁଧର ବେହେରା, ସତ୍ୟବ୍ରତ କର, ବଳରାମ ପ୍ରଧାନ, ଅତିସ ସିଲ, ମିହିର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ଅସହାୟ ରୋଗୀ ମାନଙ୍କୁ ଖାଦ୍ୟ ପ୍ୟାକେଟ, ସାନିଟାଇଜର, ମାକ୍ସ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

## କସରଦା ପଞ୍ଚାୟତରେ ବିଜେପିର ଜନସମ୍ବାଦ ରାଲି

କସରଦା (ପିଏନ୍)-ନିଆଳୀ ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ କସରଦା ପଞ୍ଚାୟତ ବିଜେପି କର୍ମୀ ମାନେ ନିଆଳୀ ନିର୍ବାଚନମଣ୍ଡଳୀ ବିଜେପି ଜନସମ୍ବାଦ ରାଲିରେ ଯୋଗ ଦେଇଥିବା ଜଣାଯାଇଛି। ଗଣେଶ ମନ୍ଦିର ବଢିଆସାହି ପ୍ରାଙ୍ଗଣରେ , ଜାଗୁଲାଇ ମନ୍ଦିର, କସରଦା ମୁଖ୍ୟ ଛକଠାରେ ସାମାଜିକ ଦୂରତ୍ୱ ରକ୍ଷା କରି ମାସ୍କ ପିନ୍ଧି  ବିଜେପି କର୍ମୀ ମାନେ ଏହି ଭରଚୁଆଲ ରାଲିରେ ଯୋଗଦେଇଥିଫଲେ । ବିଜେପି ସରକାରର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସକାରର ୧ ବର୍ଷ ଉନ୍ନୟନ ମୂଳକ କାର୍ଯ୍ୟର ସୂଚି ପ୍ରଦାନ କରିଥିଲେ। ଏହି ସଭାରେ ନିଆଳୀ ନିର୍ବାଚନ ମକଣ୍ଡଳୀ ନେତା ଛବି ମଲ୍ଲିକ, କସରଦା ମଣ୍ଡଳ ସଭାପତି ପ୍ରଭାତ ଜେନା, ରଜନିକାନ୍ତ ମହାପାତ୍ର, ସାଗର ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରବିର ମହାନ୍ତି, ସୂର୍ଯ୍ୟକାନ୍ତ ମଲ୍ଲିକ, ଯୁଗଳ ଲେଙ୍କା, ସୌମ୍ୟରଂଜନ ଲେଙ୍କା, ନିରଂଜନ ବେହେରା, ବିଶ୍ୱନାଥ ମହାପାତ୍ର, ମଧୁ ମହାପାତ୍ର, ସବିତା ସ୍ୱାଇଁ, ସୁଧାରାଣୀ ସାହୁ , ରାଜେଶ ମହାରଣା, ରମେଶଚନ୍ଦ୍ର ସାହୁ, ନିରାକାର ଜେନା ପ୍ରମୁଖ ଯୋଗଦେଇଥିଲେ।

## କାଉନସିଲର ପ୍ରାର୍ଥୀ ମହିଳାଙ୍କୁ ଟଙ୍କା ବାଣ୍ଟିବାର ଭିଡ଼ିଓ ଭାଇରାଲ ଘଟଣା

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ଏନଏସି ନିର୍ବାଚନରେ ଜନୈକ କାଉନସିଲର ପ୍ରାର୍ଥୀ ତାଙ୍କ କାଉନସିଲର ପ୍ରାର୍ଥୀନୀ ଭାଉଜଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାଙ୍କୁ ଭୋଟ ଦେବା ପାଇଁ ଟଙ୍କା ବାଣ୍ଟୁଥିବାର ଏକ ଭିଡ଼ିଓ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାର ଆଲୋଡନ ସୃଷ୍ଟି କରିଛି। ସୂଚନା ମୁତାବକ ରେମୁଣା ଏନଏସି ୬ ନମ୍ବର ୱାର୍ଡ଼ରେ ପ୍ରମିଳା ଦାସ ଏବଂ ୫ ନଂ ୱାର୍ଡ଼ରେ ଲକ୍ଷ୍ମୀକାନ୍ତ ଦାସ ବିଜେଡ଼ି କାଉନସିଲର ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସମ୍ପର୍କରେ ଉଭୟ ଦିଅର ଓ ଭାଉଜ ଅଟନ୍ତି। ଲକ୍ଷ୍ମୀକାନ୍ତ ମଙ୍ଗଳବାର ଦିନ ୬ ନଂ ୱାର୍ଡ଼ର ବିବେକାନନ୍ଦ ସ୍କୁଲ ପାଖରେ ଏସଏଚଜି ମହିଳାଙ୍କୁ ଭେଟି ୧୦ ଜଣିଆ ଗ୍ରୁପକୁ ସଭ୍ୟା ପିଛା ୩୦୦ ଟଙ୍କା ଲେଖାଏଁ ମୋଟ ୩ ହଜାର ଟଙ୍କା ଦେଇ ଚେୟାରମେନ ଏବଂ କାଉନସିଲରଙ୍କୁ ଶଙ୍ଖ ଚିହ୍ନରେ ୨ ଟି ଭୋଟ ଦେବାକୁ କହୁଛନ୍ତି ବୋଲି ସାମାଜିକ ଗଣ ମାଧ୍ୟମରେ ପ୍ରଚାର ହେଉଛି। ଏପରିକି ନିଜ ସ୍ୱାମୀଙ୍କୁ ଏକଥା ନ କହିବାର ମଧ୍ୟ କହୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗନିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ଦାସ ଅଳ୍ପ ଦିନ ତଳେ କଂଗ୍ରେସ ଦଳ ଛାଡ଼ି ବିଜେଡ଼ି ରେ ଯୋଗ ଦେଇଛନ୍ତି ତେଣୁ ସର୍ତ୍ତ ମୁତାବକ ବିଜେଡ଼ି ଦଳ ତାଙ୍କୁ ୫ ନଂ, ତାଙ୍କ ଭାଉଜ ଙ୍କୁ ୬ ନଂ ଏବଂ ତାଙ୍କ ଅନ୍ୟ ଜଣେ ସମର୍ଥକ ଅଜୟ ଘଡ଼ଇ ଙ୍କୁ ୨ ନଂ ୱାର୍ଡ଼ କାଉନସିଲର ଟିକେଟ ମିଳିଛି। ଯେଉଁଥିପାଇଁ ସମ୍ପୃକ୍ତ ୱାର୍ଡ଼ରେ ବିଜେଡ଼ି ଓ ସ୍ୱାଧୀନ ପ୍ରାର୍ଥୀ ପରକ୍ଷରେ ବିକଳ୍ପ ପ୍ରାର୍ଥୀ ସମର୍ଥନ କରୁଛନ୍ତି। ଏହି ଟଙ୍କା ବାଣ୍ଟିବାର ଭିଡ଼ିଓ ଭାଇରାଲ ହେବା ପରେ ନିର୍ବାଚନ ଆଚରଣ ବିଧି ଉଲଘଂନର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ଦାବି ହୋଇଛି। ତେବେ ଟଙ୍କା ବାଣ୍ଟିବାର ଭାଇରାଲ ଭିଡ଼ିଓ ସୂଚନା କମିସନରଙ୍କ ପାଖକୁ ଆସିଛି। ଏହାର ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନ ନିକଟକୁ ପଠାଯାଇଛି। ତଦନ୍ତ କରି ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଛନ୍ତି।

## ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଯାଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ପ୍ରଶା' କୁମାର ସ୍ୱାଇଁ ଓ ସମାଜସେବୀ କାହ୍ନୁଚରଣ ଦାଶ ଯୋଗ ଦେଇ କହିଥିଲେ, ପ୍ରାଚୀନ କବି ଓ ସାହିତ୍ୟିକମାନେ ରଚନା କରିଥିବା ଓଡ଼ିଆ ଭାଷା ସାହିତ୍ୟ କାଳଜୟୀ। ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଇଂରାଜୀରେ ଓ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହେବା ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧି ହେବା ସହିତ ପାଠକ ଗୋଷ୍ଠୀ ନିକଟରେ ପହଞ୍ଚି ପାରିବାର ସାମର୍ଥ୍ୟ ହାସଲ କରୁଛି। ଏଭଳି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଜାତିର ଇତିହାସ ସର୍ବଭାରତୀୟ ସ୍ତରରେ ସୀକୃତ ଓ ସମ୍ମାନିତ ହୋଇଛି ବୋଲି ବକ୍ତାମାନେ କହିଥିଲେ। ଗୋକର୍ଣ୍ଣିକା ସମ୍ପାଦକ ରମାକା' ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଶିଶୁ ସାହିତ୍ୟିକ ଅକ୍ଷୟ କୁମାର ଦାଶ, କୃଷକନେତା ବସ' କୁମାର ପରିଡ଼ା, ଅଧ୍ୟାପକ ଗୋକର୍ଣ୍ଣେଶ୍ୱର ଦାଶ, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ପ୍ରଭାଷ ଚନ୍ଦ୍ର ଚୋଲ୍, କବି ସବିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ସାହୁ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମର୍ହା', ଦେବବ୍ରତ ରାଉତ ଓ ଅଧ୍ୟାପକ ବିଜୟ କୁମାର ନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସଂପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ସୀତାକା' ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ।

## ମୃତ୍ୟୁଯନ୍ତା ପାଲଟିଛି ୫୩ ନମ୍ବର ଜାତୀୟ ରାଜପଥ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପଶ୍ଚିମାଚଂଳ ଦେଇ ଯାଇଥିବା ୫୩ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଦୀର୍ଘ ୭ବର୍ଷ ହେଲା ଶେଷ ହୋଇ ପାରୁନାହିଁ । କେବେ ସରିବ ଏହାର ଉତର ମଧ୍ୟ କାହା ପାଖରେ ନାହିଁ । ଫଳରେ ପାର୍ଶ୍ୱବର୍ତୀ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି ଏହି ରାସ୍ତା। ଇତି ମଧ୍ୟରେ ପୂର୍ବ ଠିକାସଂସ୍ଥା ଆଇସୋଲେକ୍ସ କମ୍ପାନୀ କାମ ଛାଡି ଚାଲି ଯାଇଥିବା ବେଳେ ଏବେ ଏମ୍‌ଏସ୍‌ଆଇଏଲ୍ ଠିକାସଂସ୍ଥା ରାସ୍ତା କାମ କରୁଛି । ମନ୍ଥର ଗତିରେ କାମ ହେଉଥିବାରୁ ଉକ୍ତ ରାଜପଥ ସଂପ୍ରସାରଣ କାର୍ଯ୍ୟ ଶେଷ ହେବା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଯେ, ଚଣ୍ଡିଖୋଲ ଠାରୁ ଡୁବୁରି ପର୍ଯ୍ୟ' ଯାଇଥିବା ଏହି ରାଜପଥକୁ ପ୍ରଶସ୍ତୀକରଣ ଓ ରକ୍ଷଣାବେକ୍ଷଣ ନାଁରେ ଦୀର୍ଘବର୍ଷ ହେଲା ମରାମତି କରା ଯାଉନାହିଁ । ଅଧିକାଂଶ ସ୍ଥାନରେ ଭାଙ୍ଗିରୁଜି ଯାଇଥିବା ଉକ୍ତ ଖଣ୍ଡିଆ ଖାବଡା ରାସ୍ତାରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି । ଗତ ୭ବର୍ଷ ମଧ୍ୟରେ ଦୁର୍ଘଟଣାରେ ୫୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଗୁରୁତର ଆହତ ହୋଇଛ଼ର୍ଁ । ଏପରିକି ଦୁର୍ଘଟଣା ସମୟରେ ଆହତମାନଙ୍କୁ ଉଦ୍ଧାର କରିବାପାଇଁ ଆସୁଥିବା ଆମ୍ବୁଲାନ୍‌ସ ଓ ଦମକଳ ଗାଡି ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛ଼ର୍ଁ । ଦିନ ଦିନ ଧରି ରାସ୍ତା ଜାମ୍ ହୋଇ ଯାଉଛି । ଟ୍ରାଫିକ୍ ଭିଡରେ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଅଟକି ରହୁଥିବା ଗାଡ଼ିଗୁଡ଼ିକୁ ଅତିକ୍ରମ କରିବାପାଇଁ କାର୍ ଓ ବାଇକ୍ ଆରେହୀମାନଙ୍କୁ ନାକେଦମ୍ ହେବାକୁ ପଡୁଛି । ପ୍ରତ୍ୟହ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଯାଜପୁର ରୋଡ୍, ଚଣ୍ଡିଖୋଲ, ପାରାଦୀପ, ଦୈତାରୀ, ଢେଙ୍କାନାଳ ଜିଲ୍ଲା ଆଦି ବିଭିନ୍ନ ସ୍ଥାନକୁ ହଜାର ହଜାର ଗାଡିମୋଟର ଯା'ଆସ କର' । ସ୍କୁଲ, କଲେଜ୍ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ସରକାରୀ ଓ ବେସରକାରୀ କର୍ମଚାରୀ ଏହି ରାସ୍ତାରେ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ଏହି ରାସ୍ତାଦେଇ ଲଘୁ ଖଣିଜ ସମ୍ପଦ ୮ଟି ଜିଲାକୁ ପରିବହନ ହେଉଥିବା ବେଳେ ଏଥିରୁ ବିପୁଳ ପରିମାଣର ରାଜସ୍ୱ ଆଦାୟ କରାଯାଉଛି । ବିଶେଷ କରି ପାରାଦ୍ୱୀପକୁ ଲୁହାପଥର ପରିବହନ, କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଭାରୀଯାନ ଯାତାୟତ ଓ ସ୍ଥାନୀୟ ଅଞ୍ଚଳରୁ କଳାପଥର ବୋଝେଇ ଓଭରଲୋଡ୍ ହାଇୱା, ଟ୍ରକ୍ ଆଦି ଗାଡିମୋଟର ଯା'ଆସ କରିବା ଫଳରେ ରାସ୍ତା ଦବି ଯିବା ସହ ଭାଙ୍ଗିରୁଜି ଯାଇଛି। ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ନିର୍ମିତ ଏହି ରାସ୍ତାକୁ ପ୍ରଥମେ ତ୍ୱରିତ ରାଜପଥ ନାମରେ ନାମିତ କରା ଯାଇଥିଲା । ସେତେ ବେଳେ ଏହି ରାସ୍ତା ଧର୍ମଶାଳା, ବଡ଼ଚଣା ଓ ସୁକିନ୍ଦାବାସୀଙ୍କ ଜୀବନରେଖା ପାଲଟିଥିବା ବେଳେ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିଲା । ପରବର୍ତୀ ସମୟରେ ୨୦୦ନମ୍ବର ଏବଂ ଏବେ ଏହାକୁ ୫୩ନମ୍ବର ଜାତୀୟ ରାଜପଥ ନାମରେ ନାମିତ କରାଯାଇଛି । ଧର୍ମଶାଳା ବ୍ଲକର ହରିଦାସପୁର, ଆରୁହା, ପାଖର, ତରିଆ, ମହିସରା, ପୁରୁଣାବଉଳମାଳ, ସାହାଣିଡିହ, ଥାନୁଆଳ, ସମ୍ପାରୁ, ଗଡ଼ମଧୁପୁର, କମାଗଡ଼, ଅଣ୍ଡିଆ, ଚକ୍ରଧରପୁର, ଏଣ୍ଡଳବା, କବାଟବନ୍ଧ, ମଧୁସୂଦନପୁର, ମର୍ଜତାପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଥିରା, ବୃନ୍ଦାଦେଇପୁର, ଜେନାପୁର ଆଦି ୨୫ଟି ପଞ୍ଚାୟତର ଜନସାଧାରଣଙ୍କ ଯାତାୟତ ପାଇଁ ମୁଖ୍ୟତ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ସେହିପରି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ୨୨ଟି ପଞ୍ଚାୟତ ଓ ବଡ଼ଚଣାର ୫ଟି ପଞ୍ଚାୟତ ଜନସାଧାରଣ ଏହି ଜାତୀୟ ରାଜପଥରେ ଯାତାୟାତ କରିଥା'ନ୍ତି। ମାତ୍ର ରାସ୍ତା ପ୍ରଶସ୍ତୀକରଣ ଓ ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଯାହା ଜନସାଧାରଣଙ୍କ ପାଇଁ ପ୍ରତି ମୁହୂର୍ତରେ ବିପଦର କାରଣ ପାଲଟିଛି । କବାଟବନ୍ଧ ନିକଟରେ ବ୍ରାହ୍ମଣୀନଦୀ ଉପରେ ନିର୍ମିତ ପୁରୁଣା ବ୍ରିଜ୍ ଗାଡ଼ି ଗଲାବେଳେ ଦୋହଲୁଛି । ଏହି ପୋଲ ଉପରେ ଭାରୀଯାନ ଚଳାଚଳ କରିବାକୁ ନିରାପଦ ମଣୁନାହାନ୍ତି। ଦୀର୍ଘ ସମୟ ଧରି ପୋଲ ଉପରେ ଟ୍ରାଫିକ୍ ଜାମ୍ ରହୁଛି। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରିଛନ୍ତି। କୌଣସି ସୁଫଳ ମିଳୁନାହିଁ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୦୩



# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି



ନାଟ୍ୟସାରଥି ଅଭୟ କୁମାର ଦାସ

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭୃକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିଙ୍କୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ। ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଳା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଏ ମାଟିର ବିସ୍ମୟ : ନେତାଜୀ



ଶ୍ୟାମ ସୁନ୍ଦର ସାମଲ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ଭିନ୍ନ ଅଧ୍ୟାୟ। ସାଲିସ୍ ନୁହେଁ, ସଂଗ୍ରାମ ହିଁ ଥିଲା ଜୀବନର ମୂଳମନ୍ତ୍ର। ସମଗ୍ର ଜୀବନ ଦେଶମାତୃକାକୁ ବ୍ରିଟିସ କବଳରୁ ମୁକ୍ତ କରିବାକୁ ତାଙ୍କ ନିରବଚ୍ଛିନ୍ନ ସଂଗ୍ରାମର କାହାଣୀ ଆଜି ମଧ୍ୟ ଆମକୁ ସ୍ତମ୍ଭୀଭୂତ କରେ। ନେତାଜୀଙ୍କ ଜୀବନ ଠାରୁ ଅଧିକ ରୋମାଞ୍ଚକର ତାଙ୍କ ମୃତ୍ୟୁର କାହାଣୀ। ଏହା କେତେ ସତ କେତେ ମିଛ ତାକୁ ନେଇ ବର୍ତ୍ତମାନ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଏପରିକି ନେତାଜୀଙ୍କ ମୃତ୍ୟୁ ଖବରକୁ ତାଙ୍କ ପରିବାର ଲୋକେ ଖଣ୍ଡନ କରୁଛନ୍ତି। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ନେତାଜୀ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଯାଉଛି, କିନ୍ତୁ ସେତେବେଳକୁ ନେତାଜୀ ସୋଭିଏତ୍ ରୁଷରେ ନଜରବନ୍ଦୀ ଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ନେତାଜୀଙ୍କୁ ମୃତ ଘୋଷଣା କରିବାର ଏତେ ବର୍ଷ ପରେ ମଧ୍ୟ ତାଙ୍କ ମୃତ୍ୟୁ ଖବର ରହସ୍ୟାବୃତ ହୋଇ ରହିବା ଏବଂ ସରକାର ତାଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ ନକରିବା ଅନେକ ଗୁଡ଼ିଏ ପ୍ରଶ୍ନ ଉତ୍ଥାପନ କରୁଛି। ଏପରିକି ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ କଲିକତା ହାଇକୋର୍ଟର ଏକ ସ୍ୱତନ୍ତ୍ର ବେଞ୍ଚ ଗଠନ ହୋଇଛି।

୧୮୯୭ ମସିହା, ଜାନୁଆରୀ ୨୩ ତାରିଖରେ ଓଡ଼ିଶାର କଟକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମ ଗ୍ରହଣ କରିଥିଲେ। ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାତୀ ଦେବୀଙ୍କ ନବମ ସନ୍ତାନ ଥିଲେ ସୁଭାଷ। କଟକର ପ୍ରୋଟେଷ୍ଟାଣ୍ଟ ୟୁରୋପିଅନ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ନେତାଜୀ। ତା'ପରେ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାତ୍ର ପନ୍ଦର ବର୍ଷ ବୟସରେ ନେତାଜୀ ଇଣ୍ଟରମିଡ଼ିଏଟ୍ ପାଶ କରିଥିଲେ। ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଦର୍ଶନ ଶାସ୍ତ୍ର ସମ୍ମାନରେ ବି.ଏ.ପାଶ କରିଥିଲେ। ୧୯୧୯ ମସିହାରେ ଆଇସିଏସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଇଂଲଣ୍ଡ ଚାଲିଗଲେ। ଆଇସିଏସ୍ ପାଇଲେ ମଧ୍ୟ। ହେଲେ ତାଙ୍କ ଜୀବନର ଅସଲ ଲକ୍ଷ୍ୟ ଭିନ୍ନଥିଲା। ଦେଶରୁ ବ୍ରିଟିସମାନଙ୍କୁ ତଡି ଦେଶକୁ ସ୍ୱାଧୀନ କରିବାର ପଣ ତାଙ୍କୁ ସ୍ୱାଧୀନତା ଆନ୍ଦୋଳନ ଆଡ଼କୁ ଟାଣି ଆଣିଲା। ଏଥିପାଇଁ ସେ କଲିକତାର ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ନେତାଜୀ ଇଂଲଣ୍ଡରୁ ଦେଶବନ୍ଧୁଙ୍କୁ ଚିଠି ଲେଖି ତାଙ୍କ ସହିତ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ କଥାରେ ସେ ଭାରତ ଫେରିଲେ ଏବଂ ବମ୍ବେ ଯାଇ ମହାତ୍ମା ଗାନ୍ଧୀଙ୍କୁ ୧୯୨୧ ମସିହାରେ ଭେଟିଥିଲେ। ସେତେବେଳେ ଗାନ୍ଧୀଜୀ ଇଂରେଜମାନଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଦେଶବ୍ୟାପୀ ଚଳାଇଥିଲେ। ବଙ୍ଗରେ ତା'ର ନେତୃତ୍ୱ ନେଉଥିଲେ ଚିତ୍ତରଞ୍ଜନ ଦାସ, ଆଉ ନେତାଜୀ ଗାନ୍ଧୀଜୀଙ୍କ ଉପଦେଶ କ୍ରମେ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏତିକି ବେଳେ ଚିତ୍ତରଞ୍ଜନ କଂଗ୍ରେସ ସ୍ୱରାଜ ଦଳ ଗଠନ କରି ଇଂରେଜମାନଙ୍କୁ ବିରୋଧ କରିବାକୁ କଲିକତା ମହାପାଳ ନିର୍ବାଚନ ଲଢ଼ିଲେ। ନିଜେ କଲିକତାର ମହାପାଳ ହେବା ସହିତ ସୁଭାଷଙ୍କ ମହାପାଳର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କରିଥିଲେ। ତା'ପରେ ନେତାଜୀ କଲିକତାରେ ଇଂରେଜ ମାନଙ୍କ ନାମରେ ନାମିତ ସଡ଼କ ଓ ସ୍ଥାନ ଗୁଡ଼ିକୁ ଭାରତୀୟ ନାମକୁ ପରିବର୍ତ୍ତନ କଲେ। ତା'ଛଡ଼ା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରୁଥିବା ଲୋକଙ୍କ ପରିବାରର ସଦସ୍ୟଙ୍କୁ ମହାପାଳିକାରେ ବିଭିନ୍ନ ପଦବିରେ ନିଯୁକ୍ତ କରୁଥିଲେ। ଅସଲରେ ଏଇଠୁ ଆରମ୍ଭ ହୋଇଥିଲା ନେତାଜୀଙ୍କ ସଂଗ୍ରାମୀ ଜୀବନ।

୧୯୨୮ ମସିହରେ ସାଇମନ୍ କମିସନଙ୍କୁ ବିରୋଧ କରି ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା କଲିକତାରେ ତା'ର ନେତୃତ୍ୱ ନେଲେ ସୁଭାଷ। ଧୀରେ ଧୀରେ ସୁଭାଷଙ୍କ ଲୋକପ୍ରିୟତା ଦେଶ ମଧ୍ୟରେ ବଢ଼ିଚାଲିଥାଏ। ଏମିତି ବେଳେ ୧୯୩୮ ମସିହାରେ ହରିପୁରା ଠାରେ କଂଗ୍ରେସର ୫୧ତମ ଅଧିବେଶନ ଅବସରରେ ଗାନ୍ଧୀଜୀ ସୁଭାଷଙ୍କୁ କଂଗ୍ରେସର ଅଧ୍ୟକ୍ଷ ଭାବରେ ଚୟନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁଭାଷଙ୍କ କାର୍ଯ୍ୟଧାରା ଗାନ୍ଧୀଜୀଙ୍କୁ ପସନ୍ଦ ଆସିନଥିଲା ଏବଂ ଦୀର୍ଘଦିନ ଧରି କଂଗ୍ରେସ ଅଧ୍ୟକ୍ଷ ଚୟନ ହୋଇପାରିନଥିଲା। ନେଜାତୀ ୧୯୩୯ରେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ। ଏହିପରି ଭାବେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଏକ ଭିନ୍ନ ପରିଚୟ ସୃଷ୍ଟି ହେଉଥିଲା। ବାରମ୍ବାର ବିଶ୍ୱର ବିଭିନ୍ନ ଦେଶକୁ ଯାଇ ଇଂରେଜ ଶାସନ ବିରୋଧରେ ସମର୍ଥନ ଯୋଗାଡ଼ରେ ଲାଗିଥିଲେ ନେତାଜୀ। ଏତିକି ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟିଶ ସରକାର ବିରୋଧରେ ସେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ନେତାଜୀଙ୍କ ଜୟହିନ୍ଦ୍ ସ୍ଲୋଗାନ ଭାରତର ଅଗଣିତ ଜନତାଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତାଜୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ମତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'।

ଐତିହାସିକମାନେ ମତ ଦିଅନ୍ତି ଯେ ନେତାଜୀ ଯେତେବେଳେ ବ୍ରିଟିସ ସରକାର ବିରୋଧରେ ଜର୍ମାନୀ ଓ ଜାପାନର ସହାୟତା ନେଲେ ସେତେବେଳେ ବ୍ରିଟିସମାନେ ନେତାଜୀଙ୍କୁ ହତ୍ୟା କରିବା ପାଇଁ ଗୁଇନ୍ଦା ବିଭାଗକୁ ୧୯୪୧ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ନେତାଜୀ ୫ ଜୁଲାଇ ୧୯୪୩ ମସିହାରେ ସିଙ୍ଗାପୁରର ଟାଉନ୍‌ହଲ ଆଗରେ ସୁପ୍ରିମ୍ କମାଣ୍ଡର ଭାବେ ମିଳିତ ସେନାକୁ ଦିଲ୍ଲୀ ଚଲୋ ସ୍ଲୋଗାନ ଦେଇ ସମ୍ବୋଧନ କରିଥିଲେ। ୨୧ ଅକ୍ଟୋବର ୧୯୪୩ ମସିହାରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ସର୍ବୋଚ୍ଚ ପଦବି ସେନାପତି ଭାବେ ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ଯାହାକୁ ଜାପାନ, ଜର୍ମାନୀ, ଚୀନ, ଫିଲିପିନ୍‌ସ, କୋରିଆ, ଇଟାଲୀ ଓ ମାନ୍‌ଚୁକା ସମର୍ଥନ କରିଥିଲେ। ସେତେବେଳେ ଜାପାନ ସରକାର ଏହି ଅସ୍ଥାୟୀ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦେଇଦେଇଥିଲେ। ତା'ପରେ ନେତାଜୀ ସେଠାକୁ ଯାଇ ଦ୍ୱୀପପୁଞ୍ଜର ନୂଆ ନାମକରଣ କରିଥିଲେ। ୧୯୪୪ ମସିହାରେ ଆଜାଦ୍ ହିନ୍ଦ ଫୌଜ ଇଂରେଜମାନଙ୍କ ଉପରେ ଆକ୍ରମଣ କରି ଭାରତର କେତେକ ଅଞ୍ଚଳ ଇଂରେଜ ମାନଙ୍କ କବଳରୁ ମୁକ୍ତ କରିଥିଲେ। ୧୯୪୪ ଏପ୍ରିଲ ୪ ତାରିଖରୁ ୨୨ ଜୁନ୍ ୧୯୪୪ ପର୍ଯ୍ୟନ୍ତ କୋହିମା ଯୁଦ୍ଧରେ ଜାପାନ ସେନାକୁ ପଛକୁ ହଟିବାକୁ ପଡ଼ିଥିଲା ସତ ହେଲେ ଏହି ଯୁଦ୍ଧ ବ୍ରିଟିସମାନଙ୍କ ମନୋବଳକୁ ଭାଙ୍ଗି ଦେଇଥିଲେ। ୬ ଜୁଲାଇ ୧୯୪୪ ମସିହାରେ ନେତାଜୀ ରେଙ୍ଗୁନ୍ ରେଡ଼ିଓରେ ଏକ ସନ୍ଦେଶ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଠାରୁ ଏହି ଚୂଡ଼ାନ୍ତ ଯୁଦ୍ଧରେ ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ନେତାଜୀ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଗଲା। ତା'ସହିତ ଏକ ସଂଗ୍ରାମଶୀଳ ଇତିହାସର ଯବନିକା ପାତ ହୋଇଥିଲା। ପରିତାପର ବିଷୟ ହେଉଛି, ଯେଉଁ ନେତାଜୀ ନିଜ ଜୀବନକୁ ଦେଶ ମାତୃକା ପାଇଁ ଉତ୍ସର୍ଗ କରିଦେଲେ ଆଜି ତାଙ୍କ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ମତ ଓ ମତାନ୍ତର ତାଙ୍କ ପାଇଁ ଅପମାନ ନୁହେଁ କି ? ତା'ସହିତ ନେତାଜୀଙ୍କ ଭଳି ଜଣେ ଜନନାୟକଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ କରି ରହସ୍ୟ ଉନ୍ମୋଚନ କରିବା କ'ଣ ସରକାରଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ନୁହେଁ କି ?

*ବିଡ଼ାନାସୀ ବନ୍ଧଛକ, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ଜାଲିଆତିକୁ ରୋକିବ କିଏ ?



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜାଲ ଶିକ୍ଷାଗତ ସାର୍ଟିଫିକେଟ ବଳରେ ରାଜ୍ୟର ସରକାରୀ ସ୍କୁଲଗୁଡିକରେ ନିଯୁକ୍ତି ପାଇଥିବା ୧୫୦ଶିକ୍ଷକଙ୍କୁ ଚିହ୍ନଟ କରି ସ୍କୁଲ ଓ ଗଣଶିକ୍ଷା ବିଭାଗ ଚାକିରୀରୁ ବହିଷ୍କାର କରିଥିବା ବେଳେ ଆଉ ୩୦୦ରୁ ଉର୍ଦ୍ଧ୍ୱ ଜାଲ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । କେବଳ ଏତିକି ନୁହେଁ ଜାଲ ପ୍ରମାଣପତ୍ର ଦେଇ ଚାକିରୀ ପାଇଥିବା ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଠିକ୍ ଭାବେ ତଦନ୍ତ କରାଯାଏ, ତେବେ ଜାଲ ଶିକ୍ଷକଙ୍କ ସଂଖ୍ୟା ହଜାର ହଜାରକୁ ଟପିଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କହିବା ବାହୁଲ୍ୟ ଆନ୍ଧ୍ର ତଥା ଓଡିଶା ବାହାର କେତେକ ରାଜ୍ୟରେ ଖୋଲିଥିବା ବିଇଡି ପ୍ରମାଣପତ୍ର ବଳରେ ରାଜ୍ୟରେ ହଜାର ହଜାର ଯୁବକଯୁବତୀ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ନିଯୁକ୍ତି ପାଇଥିବା ଶୁଣାଯାଏ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ମଣିଷ ଗଢୁଥିବା ଶିକ୍ଷାନୁଷ୍ଠାନରେ ଜାଲ ଶିକ୍ଷକ ଗୁରୁ ହୁଅନ୍ତି, ତେବେ ପିଲାଙ୍କ ଭବିଷ୍ୟତ କ'ଣ ହେବ, ତାହା ଭବିଷ୍ୟତ ହିଁ କହିବ। ଏହା କିନ୍ତୁ ସତ୍ୟ ଯେ, ଏହି ଜାଲ ଶିକ୍ଷାଗାତ ପ୍ରମାଣପତର ସୃଷ୍ଟି କର୍ତା ହେଉଛି ଶିକ୍ଷାନୁଷ୍ଠାନ। ବଲାଙ୍ଗୀରରେ ଥିବ କୋଚିଂ ସେଂଟରରେ ଜାଲ ସାର୍ଟିଫିକେଟ କେନ୍ଦ୍ର ବିନ୍ଦୁ ପାଲଟିଥିବା କ୍ରାଇମବ୍ରାଂଚ ତଦନ୍ତରୁ ଜଣାପଡିଛି। ଏହି ଶିକ୍ଷାନୁଷ୍ଠାନରୁ ଦେଶର ୪୧ଟି ବିଶ୍ୱବିଦ୍ୟାଳୟର ନକଲି ପ୍ରମାଣପତ୍ର ଜବତ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ଏହି ଜାଲ ପ୍ରମାଣପତ୍ର ବିକ୍ରି ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀର ପୋଷ୍ଟମାଷ୍ଟର ବିକ୍ରୀ ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀଣ ପୋଷ୍ଟମାଷ୍ଟର ପଦବୀରେ ନିଯୁକ୍ତି ପାଇଁ ଆବେଦନରୁ ୩୭ଜଣ ଜାଲ ଡିଗ୍ରୀଧାରୀ ଧରା ହେବା ପରେ ଏବେ ଖୋଳତାଡ ଚାଲିଛି। ଇତିମଧ୍ୟରେ କ୍ରାଇବ୍ରାଂଚ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବା ବେଳେ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବାବେଳେ ଜାଲ ସାର୍ଟିଫିକେଟ ବଳରେ ସରକାରୀ ସଂସ୍ଥାଗୁଡିକରେ ନିଯୁକ୍ତି ପାଇଥିବା ୨୦୦ଜଣଙ୍କ ସମ୍ପର୍କରେ ତଦନ୍ତ ହେଉଛି। ତେବେ ଏମାନଙ୍କ ସଂଖ୍ୟା ହଜାରକୁ ଟପିଯିବା ଅସମ୍ଭବ ନୁହେଁ। ଏବେ ରାଜ୍ୟ ହେଉ ବା କେନ୍ଦ୍ର ସରକାର ହୁଅନ୍ତୁ, ବାହାବା ନେବା ପାଇଁ ରାଜନୈତିକ ଫାଇଦା ହାସଲ ପାଇଁ ମେଳା ମାଧ୍ୟମରେ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଉଛନ୍ତି। ଅତୀତରେ ନିଯୁକ୍ତି ମେଳା ମାଧ୍ୟମରେ ରାଜ୍ୟ ସରକାର ଲକ୍ଷାଧିକ ଯୁବକ ଯୁବତୀଙ୍କୁ ଶିକ୍ଷକ-ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାର ଶିକ୍ଷାନୁଷ୍ଠାନର ଡିଗ୍ରୀଧାରୀ ଥିବା କିଛି ଅସମ୍ଭ ନୁହେଁ। ରାଜ୍ୟ ବାହାର ଡିଗ୍ରୀଧାରୀ ଶିକ୍ଷକ ଶିକ୍ଷୟତ୍ରୀ ହୁଅନ୍ତୁ କିମ୍ବା ସରକାରୀ କର୍ମଚାରୀ ହୁଅନ୍ତୁ, ସେମାନଙ୍କ ସମ୍ପର୍କରେ ତଦନ୍ତ କରାଯିବା ଆବଶ୍ୟକ। ସୁଖର କଥା ମହାଡାକପାଳ ଜାଲ ପ୍ରମାଣପତ୍ର ମାମଲାର ସିବିଆଇ ତଦନ୍ତ ପାଇଁ ପତ୍ର ଲେଖିଛନ୍ତି। ଯାହାକି ଏକ ସ୍ୱାଗତଯୋଗ୍ୟ ଏବଂ ସମୟୋଚିତ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଶିକ୍ଷା ବିଭାଗ ନୁହେଁ କି ଡାକ ବିଭାଗ ନୁହେଁ, ଦେଶରେ ନକଲି ଡାକ୍ତରଙ୍କ ସଂଖ୍ୟା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଯେଉଁ ତଥ୍ୟ ପ୍ରଦାନ କରିଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଭୟଙ୍କର ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୪୯ପ୍ରତିଶତ ନକଲି ଡାକ୍ତର କାର୍ଯ୍ୟରତ ଅଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସେହି ଚିରଂଜୀବୀ ଉକ୍ତି ଏହାର ଯଥାର୍ଥତା ବହନ କରୁଛି। 'ଶାଗୁଣା, ବିଲୁଆ ଚିକିତ୍ସକ ହେଲେ ଶବ କି ପାଇପ ପ୍ରାଣ'? ନିକଟରେ ଫକୀରମୋହନ ମେଡିକାଲ କଲେଜରେ ଜଣେ ଯୁବକ ଡାକ୍ତର ବେଶରେ ଦୀର୍ଘ ୨୦ଦିନ ଧରି ରୋଗୀଙ୍କ ଚିକିତ୍ସା କରିବା, ଛାତ୍ରାବାସରେ ରହିଥିଲେ ମଧ୍ୟ ତାକୁ କେହି ଚିହ୍ନଟ କରି ପାରିନଥିଲେ। ଅତୀତରେ ସୁନ୍ଦରଗଡ ଜିଲ୍ଲାରେ ଜଣେ ଦଶମ ପାସ୍ କରି ଦୀର୍ଘ ବର୍ଷ ବର୍ଷ ଧରି ଡାକ୍ତର ଭାବେ ରୋଗୀଙ୍କ ଚିକିତ୍ସା କରିବା ଘଟଣା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରଥିଲା। ସ୍କୁଲ, ଡାକ ଓ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଗଣତନ୍ତ୍ରର ତୃତୀୟ ସ୍ତମ୍ଭର ଅଂଶୀଦାର ତଥା ବୁଦ୍ଧିଜୀବୀ ଭାବେ ପରିଚିତ ଆଇନଜୀବୀ(ଓକିଲ)ଙ୍କ ଶିକ୍ଷାଗତ ପ୍ରମାଣପତ୍ର ନକଲି ଥିବା ଅଭିଯୋଗ ହୋଇଛି। ଦେଶରେ କାର୍ଯ୍ୟରତ ସମସ୍ତ ଆଇନଜୀବୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଂଚ ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ଦେଶରେ ଏବେ ବିଭିନ୍ନ କ୍ଷେତ୍ରରେ ନକଲି, ଜାଲିଆତି ମାଡି ଚାଲିଛି। ନକଲି, ଜାଲିଆତିକୁ ରୋକିବା ପାଇଁ ପୋଲିସ ଠାରୁ ସିବିଆଇ ପର୍ଯ୍ୟନ୍ତ ବହୁ ସଂସ୍ଥା ଥିବାବେଳେ ଆଇନରେ ମଧ୍ୟ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଜାଲିଆତି ନିକଟରେ ଆଇନ ଓ ତଦନ୍ତକାରୀ ସଂସ୍ଥା କେବଳ ଅସହାୟ ନୁହେଁ, 'ଢୋଲ ଭିତରେ ମୂଷା' ବୋଲି କହିଲେ କହିଲେ ଅତିରଂଜିତ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି ଏହାକୁ ରୋକିବ କିଏ?

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋ -୯୪୩୭୯୯୪୩୭୯*

# ସାନ ସିନା, ଦାନ ତା ମହାନ୍



ସୁବାଷ କୁମାର ତାରଣିଆଁ

ଆମେ ଇତିହାସରେ ପଢିଥିଲେ ଯେ ଯେଉଁଠି ୧୨୦୦ ବଢେଇ କୋଣାର୍କ ମନ୍ଦିରର ମୁଣ୍ଡି ମାରିପାରି ନଥିଲେ, ସେଠି ୧୨ ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡ ମାରି ୧୨୦୦ ବଢେଇଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ପ୍ରାଣ ହରାଇଥିଲେ। ଧର୍ମପଦଙ୍କ ମହାନତା ପାଇଁ ଆଜି ବି ଓଡ଼ିଆଜାତି ଗର୍ବିତ। ଆଜି ସିନା ଧର୍ମପଦ ଆମ ଗହଣରେ ନାହାଁନ୍ତି, ହେଲେ ସମାଜକୁ ସେ ଯେଉଁ ବାର୍ତ୍ତା ଦାନ କରି ଯାଇଛନ୍ତି ସେ ବାର୍ତ୍ତାକୁ ଏବେ କି କିଛି ଲୋକ କାର୍ଯ୍ୟକାରୀ କରୁଛନ୍ତି। ନିଜ କଷ୍ଟାର୍ଜିତ ଅର୍ଥରେ କିଣିଥିବା ମୂଲ୍ୟବାନ ସୁନାଚେନଟିକୁ ହରାଇ ଭୀତସ୍ତ୍ର ଅବସ୍ଥାରେ ଥିବା ମାଲିକଙ୍କୁ ସୁନାଚେନଟିକୁ ଫେରାଇ ନିଜର ମହାନତାର ପରିଚୟ ଦେଇଛନ୍ତି ଜଣେ ସ୍ୱଚ୍ଛ ସାଥୀ।

ଗତ ଫେବୃୟାରୀ ମାସ ୨୧ ତାରିଖ ସୋମବାର ଦିନର ଘଟଣା। ଭୁବନେଶ୍ୱର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ସ୍ୱଚ୍ଛ ସାଥୀ ପୂଜା ସିଂ ଅଳିଆ ସଫା କରୁଥିବା ସମୟରେ ଏକ ସୁନା ଚେନ ପାଇଥିଲେ। ପ୍ରାୟ ୬ ଭରି ଓଜନର ସୁନା ଚେନ୍ ପାଇବା ପରେ କୌଣସି ଲୋକ ହୁଏତ ଲୋଭରେ ଏହାକୁ ଲୁଚେଇ ନେଇପାରିଥାନ୍ତା। କିନ୍ତୁ ସଚ୍ଚୋଟ ପୂଜା ସିଂଙ୍କୁ ଲୋଭ ଗ୍ରାସ କରିପାରି ନଥିଲା। ସେ ସୁନା ଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ପ୍ରଶଂସାର ପାତ୍ରୀ ପାଲଟିଛନ୍ତି। ତାଙ୍କର ଏଭଳି ମହାନତା ପାଇଁ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ପୂଜାଙ୍କୁ ସାଧୁବାଦ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ବିଭୂତି ଭୂଷଣ ସେଠୀ, ଗତ ଫେବୃୟାରୀ ୧୮ ତାରିଖ ଦିନ ତାଙ୍କ ମା'ଙ୍କର ଶ୍ରାଦ୍ଧ ଦିବସ ଥିଲା। ତେଣୁ ମା'ଙ୍କ ଫଟୋଚିତ୍ରରେ ଫୁଲମାଳ ପକାଇବା ସହିତ ଶ୍ରାଦ୍ଧ ଦେବା ସମୟରେ ବିଭୂତି ଭୂଷଣ ବେକରୁ ସୁନାଚେନ୍‌ଟି କାଢ଼ି ତଳେ ଥୋଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବେକରୁ କାଢ଼ିଥିବା ସୁନାଚେନ୍‌ଟି କଥା ସେ ଭୁଲି ଯାଇଥିଲେ। ପରଦିନ ଫୁଲମାଳ ସହ ଶ୍ରାଦ୍ଧରେ ବ୍ୟବହୃତ ହୋଇଥିବା ସମସ୍ତ ସାମଗ୍ରୀ ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ତା' ପରଦିନ ଅର୍ଥାତ୍ ୨୦ ତାରିଖ ସକାଳେ ବିଭୂତି ନିଜ ଘର ଡଷ୍ଟବିନ୍‌ରେ ରଖିଥିବା ସମସ୍ତ ଅଳିଆ ଆବର୍ଜନାକୁ ବିଏମ୍‌ସି ସଫେଇ ଗାଡ଼ି କର୍ମଚାରୀଙ୍କୁ ଦେଇ ଦେଇଥିଲେ। ସେହିଦିନ ମଧ୍ୟାହ୍ନରେ ବିଭୂତିଙ୍କ ସୁନାଚେନ୍ କଥା ମନେ ପଡ଼ିବାରୁ ଘରେ ଖୋଜାଖୋଜି କରିଥିଲେ। ବିଭୂତିଙ୍କର ଠିକ୍ ମନେ ଥିଲା ଯେ, ମା'ଙ୍କ ଶ୍ରାଦ୍ଧ ଦିବସରେ ସୁନାଚେନ୍‌ଟି କାଢ଼ି ଫଟୋ ପାଖରେ ରଖିଥିଲେ। ସେଠାରୁ ଅଳିଆ ସାମଗ୍ରୀ ଯେଉଁ ଡଷ୍ଟବିନରେ ପକାଯାଇଛି, ସେହି ଡଷ୍ଟବିନରେ ନିଶ୍ଚିତ ଭାବେ ସୁନା ଚେନ୍‌ଟି ଚାଲିଯାଇଛି। ଏ ନେଇ ବିଭୂତି ବିଏମ୍‌ସି କମିଶନରଙ୍କ ସହିତ ଯୋଗାଯୋଗ କରିବାରୁ ପୂଜା ସିଂ ନାମକ ସ୍ୱଚ୍ଛ ସାଥୀ ସୁନାଚେନ ପାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଭୂତି ନିଜର ପରିଚୟ ସହିତ ପ୍ରମାଣପତ୍ର ଦେଖାଇ ବିଏମ୍‌ସି କାର୍ଯ୍ୟାଳୟରୁ ସୁନାଚେନକୁ ଗ୍ରହଣ କରିଥିଲେ ଏବଂ ବିଭୂତିଙ୍କ ସହିତ ସାରା ପରିବାର ପୂଜା ସିଂଙ୍କ ମହାନତା ପାଇଁ ସାଧୁବାଦ ଜଣାଇଥିଲେ।

ସେହିପରି ଆଉ ଏକ ଘଟଣା ହେଲା, ତୁଳା ବେହେରା ନାମକ ଜଣେ ୭୦ ବର୍ଷର ବୃଦ୍ଧା ଯିଏକି ଫୁଲବାଣୀ ଜଗନ୍ନାଥ ମନ୍ଦିର ପରିସରରେ ଭିକ୍ଷାବୃତ୍ତି କରି ଜୀବନ ବିତାଇ ଆସୁଥିଲେ। ଯେଉଁ ମନ୍ଦିର ଦୁଆରେ ବସି ଭିକ୍ଷାବୃତ୍ତି କରୁଥିଲେ, ସେହି ମନ୍ଦିରର ବିକାଶ ନିମନ୍ତେ ଜୀବନ ସାରା ସଞ୍ଚିତ କରିଥିବା ଅର୍ଥ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ କରିଛନ୍ତି ଏହି ସ୍ୱାମୀ ପରିତ୍ୟକ୍ତା ବୃଦ୍ଧା। ନିଜ ଘରର ପରିଚୟ ଜାଣିନଥିବା ତୁଳା ବେହେରା ଫୁଲବାଣୀ ଜିଲ୍ଲା ଦୁବଗଡ଼ର ପ୍ରଫୁଲ୍ଲ ବେହେରା ନାମକ ଜଣେ ଭିନ୍ନକ୍ଷମକୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀ ଉଭୟେ ସାହିକୁ ସାହି ବୁଲି ଭିକ୍ଷାବୃତ୍ତି କରୁଥିଲେ। ପିଲାଛୁଆ ନଥିବା ତୁଳାଙ୍କ ସ୍ୱାମୀ ୨୦ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱାମୀକୁ ହରାଇବା ପରେ ତୁଳା ଏକୁଟିଆ ବଞ୍ଚିବାକୁ ସଂଗ୍ରାମ ଆରମ୍ଭ କରିଥିଲେ। ଏହାପରେ ସେ ସାହିକୁ ସାହି ଭିକ୍ଷାବୃତ୍ତି କରିବାକୁ ନ ଯାଇ ଫୁଲବାଣୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିଲେ ଓ ମନ୍ଦିର ପାଖରେ ଏକ କୁଡ଼ିଆ କରି ରହୁଥିଲେ। ଭିକ୍ଷାବୃତ୍ତିରୁ ଯାହା ମିଳୁଥିଲା ତାକୁ ସେ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଆଉ ଏକ ପୁରାତନ ମନ୍ଦିରର ବିକାଶ ପାଇଁ ଦାନ କରିବେ ବୋଲି ପରିଣତ ବୟସରେ ତୁଳା ବହୁବାର ମନ୍ଦିରର ପୂଜକଙ୍କୁ କହିଥିଲେ। ଦୀର୍ଘ ୧୦ ବର୍ଷ ଧରି ସେ ଭିକ୍ଷାବୃତ୍ତିରୁ ଯାହା ପାଉଥିଲେ, ତାକୁ ସେ ମନ୍ଦିରର ପୂଜକଙ୍କୁ ଦେଉଥିଲେ। ପୂଜକ ମଧ୍ୟ ଡ଼ାକଘରେ ତୁଳାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲିଥିଲେ। ଇତିମଧ୍ୟରେ ତୁଳାଙ୍କ ସଞ୍ଚୟ ଖାତାରେ ୧ ଲକ୍ଷ ୧୦ ହଜାର ଟଙ୍କା ଜମା ରହିଥିଲା। ତୁଳା ସମସ୍ତ ଜମା ଟଙ୍କା ମନ୍ଦିରର ବିକାଶ ପାଇ ଦାନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୀବନର ଶେଷ ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରି ଯାହା ପାଇବେ, ତାକୁ ସେ ମନ୍ଦିରକୁ ଦାନ କରିବେ ବୋଲି ତୁଳା କହିଛନ୍ତି। ଯେଉଁଠି ବଡ଼ ବଡ଼ ଅଫିସର, ଡ଼ାକ୍ତର, ଯନ୍ତ୍ରୀ, ପିଅନ, ରପରାଶି ମନ୍ଦିରକୁ ଦାନ କରିବା ବଦଳରେ ଲାଞ୍ଚ ନେଇ କୋଟି କୋଟି ଟଙ୍କା ଠୁଳ କରୁଛନ୍ତି, ସେଠି ତୁଳା ବେହେରା ପରିଣତ ବୟସରେ ଭିକ୍ଷାବୃତ୍ତି କରି ମନ୍ଦିରକୁ ଦାନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି।

ଗତ କିଛିଦିନ ତଳେ କଟକର ୬୩ ବର୍ଷ ବୟସ୍କା ମହିଳା ମିନତୀ ପଟ୍ଟନାୟକ ନିଜର ୧ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଜଣେ ବୁଢ଼ା ସାମଲ ନାମକ ଜଣେ ରିକ୍ସାବାଲାଙ୍କୁ ଦାନ କରିବା ଘଟଣା ସେତେବେଳେ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। ମିନତୀ ପଟ୍ଟନାୟକ ଦୀର୍ଘ ବର୍ଷ ଧରି କଟକରେ ନିଜର ପରିବାର ସହିତ ରହି ଆସୁଥିଲେ। ହେଲେ ବିଧିର ବିଧାନ ଥିଲା ବଡ଼ ବିଚିତ୍ର। ହଠାତ୍ ମିନତୀଙ୍କ ସ୍ୱାମୀ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ପରେ ପରେ ମିନତୀଙ୍କ ଝିଅ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ଏଥିରେ ବିଚଳିତ ନହୋଇ ମିନତୀ ଧୈର୍ଯ୍ୟର ସହିତ ଜୀବନ ଜୀଇଁ ଚାଲିଥିଲେ ଏବଂ ବୁଢ଼ା ସାମଲ ମିନତୀଙ୍କୁ ସମସ୍ତ ସେବା ଶୁଶ୍ରୁଷା ଯୋଗାଇ ଆସୁଥିଲେ। ଦୀର୍ଘବର୍ଷ ଧରି ସେବା ଶୁଶ୍ରୁଷା ଯୋଗାଇବା ପରେ ମିନତୀ ନିଜର ୧କୋଟି ଟଙ୍କାର ଘର, ସୁନା ଗହଣା ଓ ସମସ୍ତ ଆସବାବ ପତ୍ର ବୁଢ଼ା ସାମଲଙ୍କ ପରିବାରକୁ ଦାନ କରିଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ମିନତୀଙ୍କ ଏହି ମହାନତା ବିଷୟରେ ଖବର ପ୍ରକାଶ ପରେ ସାରା ଓଡ଼ିଶାରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା।

୨୦୨୨ ମସିହା ଜୁଲାଇ ମାସ ୧୨ ତାରିଖ ସନ୍ଧ୍ୟାରେ ଜଣେ ଅଟୋଚାଳକ ଦୁଇଜଣ ଦମ୍ପତ୍ତିକୁ ରେଳ ଷ୍ଟେସନରେ ଛାଡ଼ିଲା ପରେ ଭୁଲବଶତଃ ସେମାନଙ୍କ ଆଟାଚଟି ଅଟୋରେ ଛାଡ଼ିଦେଇ ଯାଇଥିଲେ। ଏହାପରେ ଅଟୋଚାଳକ ଜଣକ ଭଡ଼ା ବାବଦ ପ୍ରାପ୍ୟ ପାଇଲା ପରେ ମାଷ୍ଟର କ୍ୟାଣ୍ଟିନ ଫେରି ଯାଉଥିବା ସମୟରେ ତାଙ୍କର ନଜର ପଡ଼ିଥିଲା ଅଟୋରେ ଥିବା ଆଟାଚ ଉପରେ। ଅଟୋଚାଳକ ଜଣକ ଜାଣିପାରିଥିଲେ ଯେ, ସେହି ଦମ୍ପତ୍ତି ଭୁଲ୍‌ରେ ଆଟାଚଟି ଛାଡ଼ିଦେଇଛନ୍ତି। ସଙ୍ଗେ ସଙ୍ଗେ ଅଟୋଚାଳକ ଜଣକ ରେଲୱେ ଷ୍ଟେସନରେ ପହଞ୍ଚି ଦମ୍ପତ୍ତି ଦୁଇଜଣଙ୍କୁ ଭେଟି ତାଙ୍କ ଆଟାଚଟି ଫେରାଇଥିଲେ। ଆଟାଚରେ ନଗଦ ୫ ଲକ୍ଷ ଟଙ୍କା ଥିଲା ଏବଂ ଆଟାଚ ଫେରିପାଇବା ପରେ ଦମ୍ପତ୍ତି ଦ୍ୱୟ ଅଟୋଚାଳକଙ୍କୁ ସାଧୁବାଦ ଜଣାଇଥିଲେ। ଅଟୋଚାଳକଙ୍କ ବଦାନ୍ୟତା ଯୋଗୁ ଦମ୍ପତ୍ତିଦ୍ୱୟ ତାଙ୍କ ଟଙ୍କା ଫେରି ପାଇଥିଲେ।

ସାମ୍ପ୍ରତିକ ସମୟରେ ରାସ୍ତାଘାଟ, ଦୋକାନବଜାର, ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ଲୋକଙ୍କ ଠାରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଉଛନ୍ତି। ଜମି ଓ ଘରଡ଼ିହ ପାଇଁ ଭାଇ ଭାଇ ଭିତରେ ବିବାଦ ଉଗ୍ରରୂପ ନେଉଛି, ଟଙ୍କା ପାଇଁ ପରିବାର ଭିତରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ବେଳେ, ସ୍ୱଚ୍ଛ ସାଥୀ ପୂଜା ସିଂ, ତୁଳା ବେହେରା, ମୀନତୀ ପଟ୍ଟନାୟକ ଏବଂ ଅଟୋଚାଳକଙ୍କ ବଦାନ୍ୟତା, ମାନବିକତା ଓ ମହାନତା ସତରେ ସ୍ୱାଗତଯୋଗ୍ୟ। ଏହି ତିନିଜଣ ମହିୟସୀ ମହିଳାଙ୍କ ତ୍ୟାଗ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁସରଣ କରିବା ଉଚିତ୍।

*କ୍ରି, ବାହାରଣା, ବାଲିକୁଦା, ଜଗତସିଂହପୁର*
*ମୋ : ୮୩୨୮୮୪୦୨୧୪*




# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ଼ର୍ ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ
ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନୂତନ ଡିଡିଏମ୍ ଭାବେ ଯୋଗଦେଲ ବିଷ୍ଣୁପଦ ରାଉତ



କେନ୍ଦୁଝର,(ପି.ଏନ): ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପତ୍ର ସଂଖ୍ୟା ୪୩୮୩ ତା ୦୧/୦୫/ ୨୦୨୩ ଅନୁସାରେ କୋଇଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ କାର୍ଯ୍ୟରତ ମାଇନିଂ ଅଫିସର ବିଷ୍ଣୁପଦ ରାଉତ ଙ୍କୁ କେନ୍ଦୁଝର ଖଣି ମଣ୍ଡଳର ଖଣି ଅଧିକାରୀ ଭାବେ ବଦଳି କରାଯାଇଛି ଏବଂ ତାଙ୍କୁ କେନ୍ଦୁଝର ଖଣି ଉପନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ଦିନ ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଖଣି ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅସିତ କୁମାର ବେହେରାଙ୍କୁ କୋଇଡା ଖଣି ଉପନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। କେନ୍ଦୁଝର ଖଣି ମଣ୍ଡଳରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବସନ୍ତ କୁମାର ସାହୁ ଙ୍କୁ କୋଇଡା ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଖଣି ଅଧିକାରୀ ଭାବେ ବଦଳି କରାଯାଇଛି। ଏହି ଆଦେଶ ଚିଠି ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଯୋଗ୍ୟ ଯେ, କୋଇଡା ଖଣି ଉପ ନିର୍ଦ୍ଦେଶକ ପଦରେ ଥିବା ଲକ୍ଷ୍ମୀଧର ନାୟକ ଅପ୍ରିଲ ମାସରେ ଅବସର ନେବା ପରେ ଏହି ଅଦଳବଦଳ ହୋଇଛି। କେନ୍ଦୁଝର ଖଣି ମଣ୍ଡଳରେ ଧାର୍ଯ୍ୟ ଖଣି ରାଜସ୍ୱ ଆଦାୟ ସହିତ ସର୍କଲ ଏନଫୋର୍ସମେ଼ଣ୍ଟ ସ୍କାର୍ଡ କୁ ଅଧିକ କ୍ରୀୟଶୀଳ କରାଯିବ ବୋଲି ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ଯେ,ଯୋଡା ଖଣି ମଣ୍ଡଳ ଏବଂ ବାରିପଦା ଖଣି ମଣ୍ଡଳରୁ କେନ୍ଦୁଝର ଦେଇ ଖଣିଜ ପଥର ପରିବହନ ହେଉଥିବା ଗାଡିଗୁଡିକୁ ରାସ୍ତାରେ ନିୟମିତ ଯାଂଚ କରାଗଲେ ଖଣି ଚୋରୀ ଏବଂ ମାନ ହେରଫେର ଉପରେ ଅଙ୍କୁଶ ଲାଗିପାରିବ ବୋଲି ମତପ୍ରକାଶ ପାଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନର ଶୁଭାରମ୍ଭ କରାଯାଇଛି । ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, “ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।” ସାମସଙ୍ଗର ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା “ୟୁନିଡୋ’ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣସୀର ସ୍ୱଚ୍ଛତା କର୍ମୀ ଡେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଶ୍ରମିକ ଦିବସରେ ପରିମଳ କର୍ମୀଙ୍କୁ ସମ୍ବର୍ଦ୍ଧନା କଲେ ନଗରପାଳ

କେନ୍ଦୁଝର,(ପି.ଏନ): କେନ୍ଦୁଝର ପୌରାଞ୍ଚଳ ବିଭିନ୍ନ ୱାର୍ଡ ପରିମଳ ଦାୟିତ୍ୱ ତୁଲାଉଥିବା କର୍ମୀଙ୍କୁ ଶ୍ରମିକ ଦିବସରେ ସମ୍ବର୍ଦ୍ଧିତ କରିଛନ୍ତି ନଗରପାଳ ନିକୁ ସାହୁ। କେନ୍ଦୁଝରରେ ଏହି ନିଆରା କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ହୋଇଥିବାରୁ କର୍ମଚାରୀମାନେ ଉତ୍ସାହିତ ହୋଇ ପଡିଥିଲେ। ସୋମବାର ଦିନ ପୈରପାଳିକା କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନଗରପାଳ ଯୋଗଦେଇ ବାସ୍ତବରେ ସ୍ୱଚ୍ଛ କର୍ମଚାରୀମାନେ ଜନସାଧାରଣଙ୍କ ସେବା ଯୋଗାଇବା ପାଇଁ ମହାନ କାର୍ଯ୍ୟକୁ ନିରନ୍ତର ଭାବେ କରି ଆସୁଛନ୍ତି। ପରିମଳ ବ୍ୟବସ୍ଥାରେ ସଫାସୁତୁରା କାମରେ କାମ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ନିଜ ପରିବାରକୁ ପଛରେ ପକାଇ ସମାଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସକାଳରୁ ରାତି ପର୍ଯ୍ୟନ୍ତ ଘର ଦ୍ୱାର ପିଲା ଛୁଆ ଛାଡି ପରିମଳ ଦାୟିତ୍ୱ ତୁଲାଇବା ନେଇ ଏକ ସୁସ୍ଥ ପରିବେଶ ପ୍ରଦାନ କରୁଛନ୍ତି ବାସ୍ତବରେ ସେମାନଙ୍କ କର୍ତ୍ତବ୍ୟ ଆଗରେ ଆମର ମୁଣ୍ଡ ତଳକୁ ହୋଇଯାଉଛି। ଆଜିର ଏହି ପବିତ୍ର ଦିବସରେ ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ଆବଶ୍ୟକ ବୋଲି ନିକୁ ସାହୁ କହିଛନ୍ତି। ଏହି ଦିବସରେ ସମସ୍ତ କର୍ମଚାରୀଙ୍କୁ ନିଜର ଦରମା ଟଙ୍କାରେ ନୂତନ ବସ୍ତ୍ର ପିନ୍ଧାଇ ଓ ଫୁଲ ଦେଇ ସ୍ୱଚ୍ଛ କର୍ମଚାରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ ନଗରପାଳ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି–ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଉଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଥ୍ଲ୍ଦ୍ଦଙ୍କଙ୍କ୍ଷ୍ଟ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,
ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତେ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : “ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ’ଣ କରିବେ ?” ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଥ୍କ୍ଷ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି– ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର ‘ଲେଟ୍‌ସ ପ୍ଲାନ’ ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ ‘ଲେଟ୍‌ସ ପ୍ଲାନ୍’ କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ’ କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, “ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ ‘ଟକ୍ ଟୁ ମିଷ୍ଟର ଏସଆଇପି’ ପରେ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’ ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି– ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ–୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। ‘ଲେଟ୍‌ସ ପ୍ଲାନ୍’ ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।” ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, ‘ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।”

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଥ୍କ୍ଷ୍ଟ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, “ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି– ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଥ୍କ୍ଷ୍ଟ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।” ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, “ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଗୁଳିକାଣ୍ଡରେ ଯୁବକ ମୃତ ଘଟଣା, ଖୋକା ଜବତ

ଯୋଡା,(ପି.ଏନ): ଗତକାଲି ବଡବିଲ ମୋନି ଟାୱାର ଛକ ନିକଟରେ ଘଟିଥିବା ଭୋଲା ସିହ୍ନା ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଘଟଣା ସ୍ଥଳରୁ ଗୋଟିଏ ଖୋକା ଜବତ କରିଛି ପୋଲିସ୍ । ସୂଚନା ଅନୁସାରେ ଭୋଲା ବଜାରରେ କାମ ସାରି ତା ନିଜ ଘର ୱାର୍ଡ ନଂ – ୬ ଟାଟା ହଟିଂକୁ ଫେରୁଥିବା ସମୟରେ ମୋନି ଟାୱାର ଛକ ଉପରେ ତାଙ୍କ ଉପରକୁ କେହି ଗୁଳି ଚଳାଇଥିଲେ । ଘଟଣା ସ୍ଥଳରେ ଭୋଲା ସିହ୍ନାଙ୍କ ମୃତ୍ୟୁ ଘଟିଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଦୁଇଜଣ ଦୁର୍ବୃତ୍ତ ଚାଲି ଚାଲି ଆସି ଭୋଲା ଉପରକୁ ଗୁଳି ଚଳାଇ ଘଟଣା ସ୍ଥଳରୁ ଦୌଡି ପଳାଇ ଥିଲେ । ତେବେ ଗୁଳିକାଣ୍ଡର କାରଣ ଜଣାପଡିନଥିବା ବେଳେ ପୋଲିସ୍ ଘଟଣାସ୍ଥଳରୁ ଏକ ଖୋକାକୁ ଜବତ କରି ତଦନ୍ତ ଜାରି ରଖିଛି ।




# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ, ୧୯୬ ଜଣ ସଂଗଠିତ ଶ୍ରମିକଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାୟକ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରମିକ ଭାଇ ଭଉଣୀମାନଙ୍କ ପ୍ରତି କେତେ ସହାନୁଭୂତି ରହିଛି ତାହା ବର୍ଣ୍ଣନା କରିବା ସହିତ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଗୁଡିକର ଲାଭ ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଶ୍ରମିକମାନଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ ନିମନ୍ତେ ଗୁରୁତ୍ୱ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ କିପରି ତୃଣମୂଳସ୍ତରରେ ଶ୍ରମିକମାନେ ପିକରଣ କରି ଯୋଜନା ଗୁଡିକର ଲାଭ ନେଇ ପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଭବିଷ୍ୟତରେ ବିଭିନ୍ନ ବ୍ଲକ,ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଶ୍ରମ କାର୍ଯ୍ୟାଳୟର ଅଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରତ୍ୟେକ ସଂଗଠିତ ଶ୍ରମିକ ସେମାନଙ୍କ ବାର୍ଷିକ ନବୀକରଣ ଦେୟ ୫୦ ଟଙ୍କା ପୈଠ କରି ସୁବିଧା ସୁଯୋଗ ହାସଲ କରିବାକୁ ପରାମର୍ଶ ଦେଇଥିଲେ। କୋଭିଡ ସମୟରେ ଜଣେ ସଂଗଠିତ ଶ୍ରମିକ ଙ୍କ ମୃତ୍ୟୁ ହେବା ପରେ ସେ ସେଠାକୁ ଯାଇଥିଲେ। ମୃତ୍ୟୁବରଣ କରିଥିବା ଶ୍ରମିକ ପ୍ରତ୍ୟେକ ବର୍ଷ ନବୀକରଣ ଦେୟ ୫୦ ଟଙ୍କା ପଇଠ କରିଥିବାରୁ ସେମାନଙ୍କ ପରବାରକୁ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ଟଙ୍କା ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରୁ ମିଳିପାରିଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ ବିଭିନ୍ନ ପ୍ରକାର ଶ୍ରମ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଶ୍ରମ ବିଭାଗ ଦ୍ୱାରା ଶ୍ରମିକମାନଙ୍କ ପାଇଁ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ରୂପରେଖ ସଂପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ସଭା କାର୍ଯ୍ୟ ପରିଚାଳନା କରିବା ସହ ଶ୍ରମିକ ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏଥିସହ ରାଜ୍ୟ ସରକାର ବିଭିନ୍ନ ଯୋଜନା ଯଥା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା,ଅଣସଂଗଠିତ ଶ୍ରମିକ କଲ୍ୟାଣ ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନରେ ସୀମିତ ନଥିଲା ବରଂ ବିଭିନ୍ନ ଶ୍ରମ ଆଇନ ମାନଙ୍କର ସୂଚନା,ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମ ଭିତ୍ତିକ ଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ୍ୱ ଶ୍ରମିକମାନେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସି ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ୪୨ଜଣଙ୍କୁ ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା,୭୦ ଜଣଙ୍କୁ ବିବାହ ସହାୟତା,୭୯ ଜଣଙ୍କୁ ଶିକ୍ଷା ସହାୟତା,୫ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପ୍ରଦାନ କରାଯାଇଥିଲା। ଏଥିସହିତ ୮ଜଣ ଅଣସଂଗଠିତ ଶ୍ରମିକମାନଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ୧ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସର୍ବମୋଟ ସହାୟତା ରାଶି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୧ କୋଟି ୨୦ ଲକ୍ଷ ୯୦ ହଜାର ୬୦୦ ଟଙ୍କା ଏବଂ ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିର୍ମାଣ ଶ୍ରମିକ ଙ୍କୁ ପରିଚୟପତ୍ର ପ୍ରଦାନ ୧୦୦ ଜଣଙ୍କୁ ଏବଂ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ୧୦୦ ଜଣଙ୍କୁ ପ୍ରଦାନ କରାଯାଇଥିଲା। ପରିଶେଷରେ ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ପୁଷ୍ପା ମି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ,ଭରତ ଚନ୍ଦ୍ର ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଶଗଡପଡାରେ ସମିତିସଭ୍ୟ ପାଇଁ ଉପ-ନିର୍ବାଚନ

ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡପଟା ପଂଚାୟତରେ ସମିତିସଭ୍ୟ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଯାଇଛି । ଏଥିରେ ୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍ ବାକ୍ସ ଭିତରେ ରହିଥିବା ବେଳେ ଆସନ୍ତା ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବ ବୋଲି ଜଣାପଡିଛି । ଏହି ପଞ୍ଚାୟତରେ ୧୫ଟି ୱାର୍ଡ ଥିବା ବେଳେ ବିଲ୍ଲା, ଟସରଅଡା, ହାତିକୁଚା, କୁସୁମଯୋଡି, ଶଗପଟା, ବକଳା ମୁଣ୍ଡା, ଖଡିବାହାଲି, ପଲବଣି ପ୍ରଭୃତି ବିଦ୍ୟାଳୟ ମାନଙ୍କରେ ଭୋଟ ଗ୍ରହଣ କେନ୍ଦ୍ର ହୋଇଥିଲା । ପ୍ରବଳ ଖରା ଗୁଳୁଗୁଳିରେ ମଧ ଭୋଟର ମାନେ ଆସି ନିଜ ନିଜ ପସନ୍ଦର ପ୍ରାର୍ଥୀ ମାନଙ୍କୁ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା ।

## ଓମ୍‌କାର ସାହୁଙ୍କ ପରିବାରକୁ ମିଳିଲା ଅଣସଂଗଠିତ ଶ୍ରମିକ ସହାୟତା

ଚମ୍ପୁଆ,(ପି.ଏନ): ଚମ୍ପୁଆ ସଦର ମହକୁମାରେ ଦିର୍ଘ ୩୦ ବର୍ଷ ଧରି ଖବର କାଗଜ ବିକ୍ରି କରୁଥିବା ଓମ୍‌କାର ସାହୁଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାରକୁ ଅଣସଂଗଠିତ ଶ୍ରମିକ ସହାୟତା ବାବଦକୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି । ସୂଚନା ମୁତାବକ ବହୁ ବର୍ଷ ଧରି ବିଭିନ୍ନ ଖବର କାଗଜର ବିକ୍ରୟତା ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ସ୍ୱର୍ଗତ ସାହୁ କିଛି ଦିନ ଧରି ଅସୁସ୍ଥ ରହିଥିଲେ। ତାଙ୍କୁ ଚମ୍ପୁଆ ଡାକ୍ତର ଖାନାରେ ଚିକିତ୍ସା କରାଯିବା ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହେଇଥଲା। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହେଇଥଲା। ଗତ ୧ତାରିଖ ଶ୍ରମିକ ଦିବସ ଅବସରରେ ଜିଲା ସଂସ୍କୃତି ଭବନଠାରେ ଆୟୋଜିତ କାଯ୍ୟକ୍ରମରେ ମୁଖ୍ୟଅତିଥି ଜିଲାଯୋଜନା ବର୍ଡ ଅଧକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ସ୍ୱର୍ଗତ ଓମକାର ସାହୁଙ୍କ ପତ୍ନୀ ରିଙ୍କୁ ସାହୁଙ୍କୁ ୧ଲକ୍ଷ ଟଙ୍କାର ସହାୟତାରାଶି ଚେକ ମାଧମରେ ପ୍ରଦାନ କରିଥିଲେ।

## ନାଲକୋ ଏମ୍ପ୍ଲଇଜ୍ ସେଣ୍ଟ୍ରାଲ ୟୁନିଅନର ଶ୍ରମିକ ଦିବସ ପାଳନ

ଭୁବନେଶ୍ୱର, (ପି.ଏନ) : ନାଲକୋ କର୍ପୋରେଟ ଅଫିସ, ଭୁବନେଶ୍ୱରର ନାଲକୋ ଏମ୍ପ୍ଲଇଜ୍ ସେଣ୍ଟ୍ରାଲ ୟୁନିଅନ (ନେକୁ) ମଇ ଦିବସ (ଶ୍ରମିକ ଦିବସ)କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିଛି । ଏହି ଅବସରରେ "ବର୍ତ୍ତମାନ ସମୟରେ ଶିଳ୍ପ?ଦ୍ୟୋଗ ପରିପ୍ରେକ୍ଷିରେ ଶ୍ରମିକ ସଙ୍ଗଠନମାନଙ୍କର ଭୂମିକା" ବିଷୟରେ ଆଲୋଚନା ନିମନ୍ତେ ଚନ୍ଦ୍ରଶେଖରପୁରସ୍ଥ ନାଲକୋନଗର ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଶ୍ରୀ ରାଧାଶ୍ୟାମ ମହାପାତ୍ର, ନିର୍ଦ୍ଦେଶକ(ମାନବ ସମ୍ବଳ) ମୁଖ୍ୟ ଅତିଥି; ଶ୍ରୀ ମନସାପ୍ରସାଦ ମିଶ୍ର, ନିର୍ଦ୍ଦେଶକ(ପ୍ରକଳ୍ପ ଓ ପରିଯୋଜନା); ଶ୍ରୀ ରମେଶ ଚନ୍ଦ୍ର ଯୋଶୀ, ନିର୍ଦ୍ଦେଶକ(ବିତ୍ତ); ଶ୍ରୀ ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ(ବାଣିଜ୍ୟ) ଓ ଶ୍ରୀ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ(ଉତ୍ପାଦନ) ସମ୍ମାନିତ ଅତିଥିଭାବେ ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ସନାଲ ମ୍ୟାନେଜମେଣ୍ଟ ଏବଂ ଇଣ୍ଡଷ୍ଟ୍ରିଆଲ ରିଲେସନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡକ୍ଟର.ବିଜୟ କୁମାର ସୁନ୍ଦରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରମିକ ସଙ୍ଗଠନମାନଙ୍କର ଭବିଷ୍ୟତ କାର୍ଯ୍ୟଶୈଳୀ ଓ ପନ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନାଲକୋରେ କର୍ମଚାରୀମାନଙ୍କ ନିମନ୍ତେ ନିଆଯାଉଥିବା ଉନ୍ନତିମୂଳକ ପଦକ୍ଷେପ, ଶ୍ରମିକ ସଙ୍ଗଠନମାନଙ୍କର ଦାୟୀତ୍ୱ ଓ କାର୍ଯ୍ୟଧାରା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିମାନେ କହିଥିଲେ ଯେ, ସମସ୍ତ କର୍ମଚାରୀ ଓ ଶ୍ରମିକ ସଙ୍ଗଠନମାନେ ସମ୍ମିଳିତ ହୋଇ କାମ କଲେ ଅନୁଷ୍ଠାନର ଉନ୍ନତି ହେବା ସଙ୍ଗେସଙ୍ଗେ ନିଜର ମଧ ଉନ୍ନତି ହୋଇପାରିବ। ନେକୁର ସଭାପତି ଶ୍ରୀ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ ଓ ଉପସଭାପତି ଶ୍ରୀ ଦେବଦତ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଶ୍ରୀ ବୈକୁଣ୍ଠ ପ୍ରସାଦ ଦାସ, ସହ ସମ୍ପାଦକ ଶ୍ରୀ ସୁଶିଲ କୁମାର ନାୟକ, କୋଷାଧକ୍ଷ ଶ୍ରୀ ଅସିତ କୁମାର କାମିଲା, କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ବିଜୟ କୁମାର ଦାଶ, ଶ୍ରୀ ପ୍ରମୋଦ କୁମାର ସେଠୀ, ଶ୍ରୀ ଭାଗିରଥୀ ନାୟକ ଓ ସମସ୍ତ ସଭ୍ୟ ସଭ୍ୟାମାନେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ଆୟୋଜନ କରିଥିଲେ। ନାଲକୋ କର୍ପୋରେଟ ଅଫିସର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଦସ୍ୟା ଶ୍ରୀମତୀ ନିଳିମା କଙ୍ଗାରୀ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମୂହ ଭୋଜନରେ ଅତିଥିବୃନ୍ଦ, ସମସ୍ତ କର୍ମଚାରୀ ଏବଂ ପରିବାରବର୍ଗଙ୍କୁ ଆପ୍ୟାୟିତ କରାଯାଇଥିଲା।

## ଛିଡା ହୋଇଥିବା ଟ୍ରଲର ପଛରେ ଧକ୍କା ଦେଲା ଅଙ୍ଗୁର ବୋଝେଇ ଟ୍ରକ, ଜଣେ ମୃତ ଜଣେ ଗୁରୁତର

ତୁରୁମୁଙ୍ଗା,(ପି.ଏନ):କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ଖିରେଇଟାଙ୍ଗିରୀ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ଟ୍ରଲର ପଛରେ ଅଙ୍ଗୁର ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଟ୍ରଲର କଡରେ ଛିଡା ହୋଇଥିବା ଟ୍ରଲର ଅପରେଟରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବିହାର ଅଂଚଳର ଗୌତମ ଯାଦବ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେବା ସହ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ୍ ପହଂଚି ମୃତଦେହକୁ ଉଦ୍ଧାର କରି ଏନ୍.ଏଚ୍. ଆମ୍ବୁଲାନ୍ସ ସହାୟତାରେ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ସରପଞ୍ଚ ଉପ-ନିର୍ବାଚନ, ୪ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସ ଭିତରେ

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ବ୍ଲକ ଅର୍ନ୍ତଗତ ଗୁଣ୍ଡୁଣିଆଁ ପଚଂାୟତର ସରପଚଂ ପଦ ପାଇଁ ମଙ୍ଗଳବାର ଦିନ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟରତ ସରପଚଂ ଶିଙ୍ଗରାୟ ମୁଣ୍ଡାଙ୍କ ଦେହାନ୍ତ ପରେ ସରପଚଂ ପଦବୀ ନିମନ୍ତେ ଉପନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ଜାରିଥିଲେ । ତେବେ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୪ତାରିଖ ରୁ ୬ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ବିକ୍ରି ଏବଂ ଗ୍ରହଣ କରାଯାଇଥିଲା । ପ୍ରାର୍ଥୀପତ୍ର ଯାଚଂ ଏପ୍ରିଲ ୧୦ ତାରିଖରେ ହୋଇଥିବା ବେଳେ ୧୨ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହୋଇଥିଲା । ତେବେ ନିର୍ବାଚନ ମଇଦାନରେ ୪ଜଣ ପ୍ରାର୍ଥୀ ରହିଥିଲେ । ଆଦିବାସୀଙ୍କ ନିମନ୍ତେ ସଂରକ୍ଷିତ ଏହି ଆସନ ପାଇଁ ହରେକୃଷ୍ଣ ମୁଣ୍ଡା(ସୂର୍ଯ୍ୟ) ଚିହ୍ନ, ଲଛମନ ମୁଣ୍ଡା (ଛତା) ଚିହ୍ନ, ବୁଦ୍ଧଦେବ ମୁଣ୍ଡା (ଖୋଳାବହି)ଚିହ୍ନ ଏବଂ ଶ୍ରୀଧର ମୁଣ୍ଡା (ମାଛ) ଚିହ୍ନ ସହ ସମର୍ଥକମାନଙ୍କୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ପଚଂାୟତର ୧୧ ଗୋଟି ଓାର୍ଡରେ ମୋଟ ୨୨୭୮ ମତଦାତାଙ୍କ ପାଇଁ ୬ଟି ସ୍କୁଲରେ ୧୧ଗୋଟି ମତଦାନ କେନ୍ଦ୍ରରେ ମତଦାନ ଗ୍ରହଣ କରାଯାଇଥିଲା । ତେବେ ମଙ୍ଗଳବାର ସକାଳ ୭ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ମତଦାନ ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥିଲା । ଧାର୍ଯ୍ୟ ସମୟ ଭିତରେ ୮୪.୨୮ ଶତକଡା ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଶାନ୍ତିଶୃଙ୍ଖଳା ଏବଂ ସ୍ୱଚ୍ଛ ମତଦାନ ନିମନ୍ତେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## କେନ୍ଦୁଝର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୨୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଲେପ୍ରୋସି) ଡାଃ ସୁତକିର୍ତି ମହାନ୍ତି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା, ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶ, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ ଏବଂ କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା ।

## ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ସଂପାନ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ




ବ୍ୟାସନଗର,(ପି.ଏନ): ତା ୨୧.୦୪.୨୦୨୩ ରିଖ ପୂର୍ବାହ୍ନ ୯ ଘଟିକା ସମୟରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପାଳ ଛତୁଚାଷ ଏବଂ ଜିଆ ଚାଷ ଶୀର୍ଷକ ଏକ ରାଜ୍ୟସରୀୟ ସଂପାନ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଂପାନରେ ବିଶିଷ୍ଟ ଉଦ୍ଭିଦବିଜ୍ଞାନ ବିଭାଗ ତଥା ବୈଜ୍ଞାନିକ ଡଃ ସବ୍ୟସାଚୀ ପୃଷ୍ଟି ଯୋଗଦାନ କରି ଶୀର୍ଷକ ସଂପର୍କରେ ଗଭୀର ଆଲୋକପାତ କରିବା ସଂଗେସଂଗେ ଏହାର ଉପାଦେୟତା ଉପରେ ନିଜସ ପରାମର୍ଶ ରଖିଥିଲେ । ଉକ୍ତ ସଂପାନକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱୋଳନ କରି ଉଦଘାଟନ କରିଥିଲେ । ଉଦ୍ଭିଦବିଜ୍ଞାନ ବିଭାଗରମୁଖ୍ୟ ପ୍ରଫେସର ପ୍ରଭାତ କୁମାର ସ୍ୱାଇଁ ସଂପାନଟିକୁ ପରିଚାଳନା କରିଥିଲେ । ଉକ୍ତ ସଂପାନରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ମମତା ସାମଲ, ବରିଷ୍ଠ ଅଧ୍ୟାପକ ଅମୂଲ୍ୟକୃଷ୍ଣ ପାଢୀ ସମେତ ବହୁ ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ଯୋଗଦାନ କରିଥିଲେ ଏବଂ ବିଭାଗର ଅଧ୍ୟାପକ ଡଃ ପ୍ରିୟରଞ୍ଜନ ବେହେରା ବିଷୟ ଭିତ୍ତିକ ଭିତ୍ତିପ୍ରବନ୍ଧ ପାଠକରିଥିଲେ । ଏତଦ ଭିନ୍ନଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ର-ଛାତ୍ରୀମାନେ ଉକ୍ତ ସଂପାନରେ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ଅଧ୍ୟାପିକା ଡଃ ପ୍ରତିଭା ପରିଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କିଟ୍ ଓ ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ସ୍ୱାକ୍ଷର

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ଓ ଆମେରିକାର ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ୍ ବିଜିନେସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଏବଂ ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ପ୍ରୋଭୋଷ୍ଟ ତଥା ଏକାଡେମିକ୍ ଆଫାୟାର୍ସ କାର୍ଯ୍ୟକାରୀ ଉପସଭାପତି ଖ୍ରୀଷ୍ଟଫର୍ ବ୍ରାକେ ସ୍ୱାକ୍ଷର କରିଛନ୍ତି । ବୁଝାମଣପତ୍ର ଅନୁଯାୟୀ ଉଭୟ ଅନୁଷ୍ଠାନ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କୁ ଆକାଉଣ୍ଟିଂ ଆନାଲିଟିକ୍‌ସ, ବିଜିନେସ୍ ଆନାଲିଟିକ୍‌ସ, ଫାଇନାନ୍ସ, ଇନ୍‌ଫରମେସନ୍ ସିଷ୍ଟମ୍, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଏବଂ ଇଣ୍ଟରଡିସିପ୍ଲିନାରୀ ବିଜିନେସ୍ ଷ୍ଟଡିଜ୍ ଆଦି କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ କରିବେ । କିଟ୍‌ର ଛାତ୍ରଛାତ୍ରୀମାନେ ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ବିଜିନେସ୍ ଆନାଲିଟିକ୍ସ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଏବଂ ଇନ୍‌ଫରମେସନ୍ ସିଷ୍ଟମ୍ ଟେକ୍ନୋଲୋଜିରେ ସ୍ନାତକୋତ୍ତର (ମାଷ୍ଟର ଡିଗ୍ରୀ) ପଢ଼ିଲେ ସେମାନଙ୍କୁ ଏହିସବୁ ପାଠ୍ୟକ୍ରମରେ ୬ଟି କ୍ରେଡିଟ୍ କରିବାକୁ ପଡ଼ିବ ନାହିଁ । ଏହା ଦ୍ୱାରା ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଚ୍ଚଶିକ୍ଷା ଲକ୍ଷ୍ୟ ରଖିଥିବା ଓଡ଼ିଶା ତଥା ଭାରତୀୟ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ ବୋଲି କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଛନ୍ତି । ଏହି ପ୍ରୟାସ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜର୍ଜ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ସଭାପତି ମାର୍କ ଏସ୍. ରିଙ୍ଗଟନ୍ ଏବଂ ବିଶ୍ୱବିଦ୍ୟାଳୟ ବିଜିନେସ୍ ସ୍କୁଲ୍‌ର ଗ୍ରାଜୁଏଟ୍ ପ୍ରୋଗ୍ରାମ ଭାଇସ୍ ଡିନ୍ ଶିବରାଜ କାନୁନ୍‌ଗୋଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପାନୀୟ ଜଳ ପାଇଁ ରାସ୍ତା ଅବରୋଧ

ପଣ୍ଡାପଡା,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ସୁନାଟାଙ୍ଗିରୀ ପଂଚାୟତର ୱାର୍ଡ ନଂ ୫, ୬ ଏବଂ ୭ରେ ଜନସାଧାରଣ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜକୁ ୩ / ୪ମାସ ହେବ ଗ୍ରାମରେ ଥିବା ବସୁଧା ଜଳ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଯାଇଛି । ଏହାର ପ୍ରତିବାଦରେ ୱାର୍ଡ ବାସିନ୍ଦା ସୁନାଟାଙ୍ଗିରୀ ଠାରୁ ଓସ୍ତପଙ୍ଗା ଯାଇଥିବା ରାସ୍ତାକୁ ଅବରୋଧ କରିଥିଲେ । ସେହି ରାସ୍ତା ଦେଇ ସୁନାଟାଙ୍ଗିରୀ ପଂଚାୟତର ଜିଆରଏସ୍ ଯାଉଥିବା ବେଳେ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଏ ଅସୁବିଧା ବାବଦରେ ବିଡିଓଙ୍କ ଜଣାଇବାକୁ ପ୍ରତିଶୃତି ଦେଇ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଆକାରରେ ଜଣାଇବାକୁ କହିଥିଲେ । ଜିଆରଏସ୍‌ଙ୍କ କଥାକୁ ମାନି ଜନସାଧାରଣ ରାସ୍ତା ଅବରୋଧରୁ ହଟିଥିଲେ ଏବଂ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପାନୀୟ ଜଳ ନପାଇଲେ ପୁନର୍ବାର ବ୍ଲକ ଘେରାଉ



କରିବାକୁ ନାଏବ ସରପଂଚ ସୁରୁ ପଡୁରିଆଙ୍କ ସହ ମୀନା ନାଏକ, ତ୍ରିବେଣୀ ନାଏକ, ସେବତୀ ନାଏକ, ତପ ନାଏକ, ଝୁନୁ ନାଏକ, ସାବିତ୍ରୀ ନାଏକ, କୁନୀ ନାଏକ, ରମ୍ଭା ନାଏକ, ବବିତା ଖଣ୍ଡେଇ, ପତ୍ର ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



# ଆଇଏନ୍‌ଟିୟୁସି ଓ ସିଆଇଟିୟୁ ଶ୍ରମିକ ସଙ୍ଗଠନ ପକ୍ଷରୁ ମଇ ଦିବସ ପାଳିତ




ରାଉରକେଲା, (ପି.ଏନ): ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତିକ ମଇ ଦିବସ ରାଜଗାଙ୍ଗପୁର ସ୍ଥିତ ଆଇଟି କଲୋନୀ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇଏନ୍‌ଟିୟୁସି ରାଜ୍ୟନେତା କୈଳାସ ସାହୁ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସିଆଇଟିୟୁର ରାଜ୍ୟ କମିଟି ସଦସ୍ୟ ତଥା ଜିଲ୍ଲା ଉପସଭାପତି ଯଯାତୀ କେଶରୀ ସାହୁ, ଯୁବ ଆଇଏନ୍‌ଟିୟୁସି ନେତା ଅଜୟ ପାଇକରାୟ, ପୂର୍ବତନ ଚେୟାରମ୍ୟାନ ପୂର୍ଣ୍ଣ ଚନ୍ଦ୍ର ରାଉତ, ସିଆଇଟିୟୁ ନେତା ଶିଶିର ସା, ସମାଜସେବୀ ତଥା ଏଚ୍‌ଏମ୍‌ଏସ୍ ନେତା ଅମରେଶ ପଣ୍ଡା, ଜିତେନ୍ଦ୍ର ଦାଶ, ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ୮ ଘଣ୍ଟାର ଦାବି ନେଇ ଗତ ୧୮୮୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରର ହୋ ମାର୍କେଟରେ ଲକ୍ଷ ଲକ୍ଷ ଶ୍ରମିକ ଲଢେଇ କରି ଏହି ଦାବି ହାସଲ କରିଥିଲେ । ପରେ ଯେତେଗୁଡିଏ ଶ୍ରମ ଆଇନ୍ ହୋଇଛି ସେସବୁ ଶ୍ରମିକମାନେ ଲଢେଇ କରି ନିଜ ସପକ୍ଷରେ କରିପାରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ୨୦୧୪ରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଶ୍ରମିକମାନଙ୍କର କଷ୍ଟ ଉପାର୍ଜିତ ୪୪ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଲେବର କୋଡରେ ପରିଣତ କରିଛନ୍ତି । ଫଳରେ ଶ୍ରମିକମାନେ ତାଙ୍କ ନ୍ୟାର୍ଯ୍ୟ ଅଧିକାର ପାଇପାରିବେ ନାହିଁ । ନରେନ୍ଦ୍ର ମୋଦି ସରକାରକୁ ଆସିବା ପରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ନିୟନ୍ତ୍ରଣ କରିବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦର ୩ ଗୁଣା ବୃଦ୍ଧି ହୋଇଛି । ବିଭିନ୍ନ ଟିକସ ମାଧ୍ୟମରେ ଜନସାଧାରଣଙ୍କୁ ଲୁଟ୍ କରାଯାଉଛି । ବେକାରୀ ସମସ୍ୟା ରେକର୍ଡ କରିଛି । କର୍ପୋରେଟ୍ ପୁଞ୍ଜିପତିମାନଙ୍କୁ ୧୦ ଲକ୍ଷ କୋଟି ଟଙ୍କା ଋଣ ଛାଡ କରାଯାଇଛି । ଏ ସରକାର ପୁଞ୍ଜିପତିମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବେଳେ ଶ୍ରମିକ, କୃଷକଙ୍କ ପ୍ରତି ଅବିଚାର, ଅନ୍ୟାୟ ଓ ବିରୋଧି ଆଇନ୍ ପାର୍ଲିଆମେଣ୍ଟରେ ବିନା ବିପକ୍ଷ ଦଳ ସହ ଆଲୋଚନାରେ ପାରିତ କରାଯାଇଛି । ଶ୍ରମିକ ଦିବସ ଅବସରରେ ବିଭିନ୍ନ ଶ୍ରମ ସଙ୍ଗଠନର କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବା ସହ ଶ୍ରମିକ ସମାବେଶ ଓ ଶୋଭାଯାତ୍ରା ସଙ୍ଗଠିତ କରାଯାଇଥିଲା । ଆଇଏନ୍‌ଟିୟୁସିର ରାଜଗାଙ୍ଗପୁର କାର୍ଯ୍ୟାଳୟ ଠାରେ ଶ୍ରମିକ ଶ୍ରେଣୀର ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ମୁଖପାତ୍ର ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ଓବିସି ବିଭାଗର ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ ପତାକା ଉତ୍ତୋଳନ କରିଥିଲେ । ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଇଏନ୍‌ଟିୟୁସି ସହବନ୍ଧିତ ଖଣି ଶ୍ରମିକ, ଇସ୍ପାତ ଶ୍ରମିକ, ଠିକା ଶ୍ରମିକ, କୋଇଲା ଶ୍ରମିକ, ଶିଳ୍ପ ଶ୍ରମିକ, ନିର୍ମାଣ, ବ୍ୟବସାୟିକ ପ୍ରତିଷ୍ଠାନର ଶ୍ରମିକ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସଭା ମାଧ୍ୟମରେ ଶ୍ରମିକ ଦିବସ ପାଳନ କରିଥିଲେ । ଆୟୋଜିତ ଶ୍ରମିକ ସମାବେଶରେ ଶ୍ରମିକ ଶ୍ରେଣୀ ଓ ମାନବ ସଭ୍ୟତା ପାଇଁ ଏକମାତ୍ର ବିକଳ୍ପ ହେଉଛି ସମାଜବାଦୀ ବୋଲି ମତ ପ୍ରକାଶ ପାଇଥିଲା । ମଇ ପହିଲାର ଇତିହାସ ହେଉଛି ସଂଘର୍ଷମୟ ଇତିହାସ । ଆଜିର ଦିନରେ ଶ୍ରମିକ ଶ୍ରେଣୀ ଶପଥ ଗ୍ରହଣ କରିବାର ଆବଶ୍ୟକ ରହିଛି । ଆଜି କେନ୍ଦ୍ର ସରକାର ଦେଶର ଶ୍ରମିକ, କୃଷକଙ୍କ ବିରୋଧରେ ଯେଉଁ ଆକ୍ରମଣ କରି ଚାଲିଛନ୍ତି ତା ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ସେ ଆହ୍ୱାନ କରିଥିଲେ ।

# ଜନଜାତି କନ୍ଧ ଗୌଡ଼ ସଂପ୍ରଦାୟର ବିଭିନ୍ନ ଅସୁବିଧା ନେଇ ଦାବିପତ୍ର



ଫୁଲବାଣୀ,(ପି.ଏନ): କନ୍ଧ ଗୌଡ଼ ସମାଜର ସଭାପତି ପ୍ରେମାନନ୍ଦ ମାଝୀଙ୍କ ନେତୃତ୍ୱରେ ସମାଜ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରା,ଜାତି ସଚେତକ କରୁଣା କର ଭୋଇଙ୍କ ଉପସ୍ଥିତରେ ଜନଜାତି ଉନ୍ନୟନ ପରିଷଦର ଅଧକ୍ଷ ରୋଦନ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି କ୍ଷ ଏହି ଦାବିପତ୍ରରେ କନ୍ଧମାଳ ଜିଲ୍ଲାର ଜନଜାତି କନ୍ଧଗଉଡ଼ ସଂପ୍ରଦାୟ ଆଦିବାସୀ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବ୍ଲକ ମଧ୍ୟରେ ଅବସ୍ଥାପିତ ହୋଇ ବାସ କରିଆସୁଥିଲେ ମଧ୍ୟ କନ୍ଧଗଉଡ଼ ସଂପ୍ରଦାୟ ଆଦିବାସୀ ମାନଙ୍କ ବିକାଶ ପାଇଁ ନିଜ ସଂପ୍ରଦାୟର ଜାତିସଭା କରିବା ପାଇଁ କୌଣସି ଗୋଷ୍ଠିଗତ ସଭାଗୃହ ନଥିବାରୁ ବହୁତ ଅସୁବିଧା ସମ୍ମୁଖୀନ ହେଉଅଛୁ । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଣିପଦର ଗ୍ରାମଠାରେ ଆମ ଜାତି ସଂପ୍ରଦାୟ ମାନଙ୍କ ଜାତି ସମାଜ କାର୍ଯ୍ୟାଳୟ ରହିଛି । ଏହା ଘରୋଇ କାର୍ଯ୍ୟାଳୟ ପରି ଚାଲୁଅଛି । ଗୋଷ୍ଠିଗତ ସଭାଗୃହ ବ୍ୟବସ୍ଥା ନଥିବା ରୁ ବର୍ଷା ଦିନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ଭୋଗୁଅଛୁ । ଆମ୍ଭେମାନେ ଆମ୍ଭ ମାନଙ୍କ ସମସ୍ୟା ଜିଲ୍ଲାପାଳଙ୍କୁ ଆପତି ଆଭିଯୋଗ ଶୁଣାଣୀ ବେଳେ ଗତ ତା ୧୦.୧୦.୨୦୨୨ ରିଖ ଏବଂ ଗତ ତା ୦୫.୧୨.୨୦୨୨ ରିଖ ରେ ଆବେଦନ ଗୁହାରୀ କରିଥିଲୁ । ଆମ୍ଭମାନଙ୍କର ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳ ଓଡ଼ଉଇ ପ୍ରକଳ୍ପ ପ୍ରଶାସକ ସମ୍ମାନିତ ଆଦିବାସୀ ଉନ୍ନୟନ ସଂସ୍ଥା କନ୍ଧମାଳ(ଫୁଲବାଣୀ)ଙ୍କ ନିକଟକୁ ପ୍ରେରଣା କରିଥିଲେ । ଆମ୍ଭମାନଙ୍କ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରିନାହିଁ ବୋଲି ବିନୀତ ଅଭିଯୋଗ କରିଛନ୍ତି । ଏଥି ସହିତ ସମ୍ବିଧାନର ସଂରକ୍ଷଣ କ୍ରମିକ ସଂଖ୍ୟା ୨୭ ଓ ୨୮ ରେ ଯାଉଥିଲେ ମଧ୍ୟ ସମସ୍ତ ସରକାରୀ ସହାୟତାରୁ ବଞ୍ଚିତ କରାଯାଉଛି ବୋଲି କନ୍ଧ ଗୌଡ଼ ସମାଜର ସଭାପତି ପ୍ରେମାନନ୍ଦ ମାଝୀ ଅଭିଯୋଗ କରିଛନ୍ତି ।

## କେବେ ମିଶିବ ବିଏମ୍‌ସିରେ ଲିଙ୍ଗିପୁର ଗ୍ରାମ ପଞ୍ଚାୟତ

ଭୁବନେଶ୍ୱର, (ପି.ଏନ): ସାରା ରାଜ୍ୟରେ ବିକାଶର ମହାପର୍ବ ଚାଲିଛି ହେଲେ ଭୁବନେଶ୍ୱର ଉପକଣ୍ଠରେ ଥିବା ଲିଙ୍ଗିପୁର ପଞ୍ଚାୟତକୁ ଅଣଦେଖା କାହିଁକି ସ୍ୱାଧୀନତାର ୭୫ ବର୍ଷପରେ ବି ଲିଙ୍ଗିପୁର ପଞ୍ଚାୟତ ବିଏମ୍‌ସିରେ ମିଶିବା ସାତ ସପନ ହୋଇପଡିଛି । ଲିଙ୍ଗିପୁର ପଞ୍ଚାୟତ ଅଧିନରେ ରେଭିନିୟୁ ମାନ୍ୟତା ଭାବେ ଲିଙ୍ଗିପୁର ଓ ରଘୁନାଥପୁର ଆସୁଛି । ଏହି ପଞ୍ଚାୟତଟି ଜାତୀୟ ରାଜପଥ ୨୦୩ କଡରେ ଅବସ୍ଥିତ । ଭୁବନେଶ୍ୱର ଓ ପୁରୀ ଜାତୀୟ ରାଜପଥ କଡରେ ଏହି ଗ୍ରାମ ଗୁଡିକ ଅବସ୍ଥିତ ସେଗୁଡିକ ହେଲା ବିଜୟ ବିହାର ଗାଙ୍ଗୋତ୍ରୀ ନଗର, ଇନ୍ଦିରା କଲୋନି, ନାଥପୁର, ସନ୍ଥ ବିହାର, ଶ୍ରେଷ୍ଠାଦ୍ରୀନଗର, ବାସୁଦେବନଗର, ଜୟକୃଷ୍ଣ ନଗର, ଫେଜ ୧ ଓ ୨, ମୃତ୍ୟୁଞ୍ଜୟ ବିହାର ସୁଭଦ୍ରା ବିହାର, ଜଗନ୍ନାଥ ବିହାର, ଶ୍ରୀ ଜଗନ୍ନାଥ ବିହାର, ନନ୍ଦନ ବିହାର ଓ କଳିଙ୍ଗବିହାର ଇତ୍ୟାଦି । ଲିଙ୍ଗିପୁର ପଞ୍ଚାୟତଟିରେ ସମୁଦାୟ ଲୋକସଂଖ୍ୟା ୨୦୦୦୦(କୋଡିଏ ହଜାର)ରୁ ଉର୍ଦ୍ଧ୍ୱ ହେବ । ଏହି ପଞ୍ଚାୟତ ଏକାମ୍ର ନିର୍ବାଚନ ମଣ୍ଡଳୀ ଅଧିନରେ ଆସୁଛି ଏହି ପଞ୍ଚାୟତଟିକୁ ବିଏମ୍‌ସିରେ ମିଶ୍ରିତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୯ ମସିହାରେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ମିଶେଇବା ପାଇଁ ।

# ବିଶିଷ୍ଟ ସର୍ବୋଦୟ କର୍ମୀ ତଥା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ବିୟୋଗରେ ଓପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଶୋକ

ଭୁବନେଶ୍ୱର ,(ପି.ଏନ): ଭାରତ ଛାଡ ଆନ୍ଦୋଳନର ସିପାହୀ, ବିନୋବା ଭାବେଙ୍କ ହନୁମାନ, ବିଶିଷ୍ଟ ଭୂଦାନ ସର୍ବୋଦୟ ନେତା, ଉତ୍କଳ ସର୍ବୋଦୟ ମଣ୍ଡଳର ପ୍ରାକ୍ତନ ସଭାପତି, ବିଶିଷ୍ଟ ସଂଗୀତ ଶିଳ୍ପୀ, ଖରସୁଆଁରୁ କୁଳାବିରି ଆତ୍ମଜୀବନୀର ଲେଖକ, ଉତ୍କଳ ସର୍ବୋଦୟ ମଣ୍ଡଳ,ରାଷ୍ଟ୍ରୀୟ ଯୁବା ସଂଗଠନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆଦି ସଂଗଠନର ମାର୍ଗଦର୍ଶକ ରୂପେ କାର୍ଯ୍ୟରତ, ଶତାୟୁ ସଂଗ୍ରାମୀ ନିଶାକର ଦାସଙ୍କର ଆଜି ପ୍ରାତଃ କାଳରେ କର୍ମଭୂମି କୋରାପୁଟର କୁଳାବିରି ଆଶ୍ରମରେ ସ୍ୱର୍ଗପ୍ରାପ୍ତି ହୋଇଯାଇଛି । ତାଙ୍କ ବିୟୋଗରେ ଓପିସିସି ସଭାପତି ଶରତ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଗୋପବନ୍ଧୁ ଚୌଧୁରୀ, ମାଆ ରମାଦେବୀ, ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ଗୁଣନିଧି ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ, ମହମ୍ମଦ ବାଜୀ ଆଦିଙ୍କର ଘନିଷ୍ଠ ସହଯୋଗୀ ଥିଲେ ସ୍ୱର୍ଗତ ନିଶାକର ଦାସ । ନିଶାକର ଦାସଙ୍କ ବିୟୋଗ ଓଡ଼ିଶାର ସାମାଜିକ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି । ସେ ଗାନ୍ଧୀ ବିଚାରଧାରାରେ ବହୁ ସଂଖ୍ୟାରେ ଯୁବକମାନଙ୍କୁ ଅଧିକ ଆକୃଷ୍ଟ କରାଇ ପାରିଥିଲେ ବୋଲି କହିବା ସହ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ଓପିସିସି ସଭାପତି ଶରତ ପଟ୍ଟନାୟକ ।

# ଲିଙ୍ଗରାଜ ମିଶ୍ର ହେଲେ ମାଲକାନଗିରି କଲେଜର ପ୍ରିନ୍ସିପାଲ




ମାଲକାନଗିରି ଓତା:(ପି.ଏନ): ଉଚ୍ଚ ଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ୧୭୬୫୪ ତା:୨୮.୪.୨୦୨୩ ଅନୁସାରେ ମାଲକାନଗିରି କଲେଜର ପ୍ରିନ୍ସିପାଲ ଭାବେ ଲିଙ୍ଗରାଜ ମିଶ୍ରଙ୍କୁ ନିଯୁକ୍ତି ଦିଆ ଯାଇଛି ଓ ଶ୍ରୀମିଶ୍ର ମାଲକାନଗିରି କଲେଜ ପରିଚାଳନା ସଭାପତି ଡ. ଉଦୟନାଥ ଖରାଙ୍କ ଉପସ୍ଥିତିରେ ଗତକାଲି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ଓ ପୂର୍ବରୁ ଅଧ୍ୟାପକ ଅଶୋକ କୁମାର ଷଡଙ୍ଗୀ ଭାରପ୍ରାପ୍ତ ମାଲକାନଗିରି କଲେଜର ପ୍ରିନ୍ସପାଲ ଥିଲେ ଓବର୍ତ୍ତମାନ ବରିଷ୍ଠ ଭିତରେ ଅଧ୍ୟାପକ ଲିଙ୍ଗରାଜ ମିଶ୍ର କଲେଜର ପ୍ରିନ୍ସପାଲ ପଦବୀରେ ନିଯୁକ୍ତ ହେବା ସହ ପରିଚାଳନା କମିଟିର ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରିବେ ଓଏହି ପରିପ୍ରକ୍ଷୀରେନବ ନିଯୁକ୍ତ ପ୍ରିନ୍ସିପାଲ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ରାଜଧାନୀ ଠିକାଦାର ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ



ଫଟୋ-ଶୁଭେନ୍ଦୁ

ଭୁବନେଶ୍ୱର,(ପି.ଏନ): ଆଜି ରାଜଧାନୀରେ ସିଭିଲ ଠିକାଦାର ମାନଙ୍କର କର୍ମକର୍ତା ଚୟନ ପାଇଁ ଇୟୁନିଟ- ୩ଡିଭିଜନ ୧ ଅଫିସ ପାଖରେ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଭାଗ ନେବାପାଇଁ ବହୁସଂଖ୍ୟାରେ ଠିକାଦାରମାନେ ଉପସ୍ଥିତ ରହି ସଭାପତି ଓ ସାଧାରଣ ସମ୍ପାଦକ ପାଇଁ ଭୋଟ ଦେଇଥିଲେ । ସଭାପତି ପଦ ପାଇଁ ଦୁଇ ଜଣ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ ପାଇଥିବାରୁ କେହି ନିର୍ବାଚିତ ହୋଇ ପାରି ନାହାନ୍ତି ଓ ଆଉଥରେ ନିର୍ବାଚନ ହେବ ବା ଲଟେରୀ ପଡିବ ପରେ ଘୋଷଣା କରାଯିବ ବୋଲି କହିଛନ୍ତି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ମିହିର ରଞ୍ଜନ ପାତ । ପୂର୍ବରୁ ଥିବା ଉପ ସଭାପତି ସୁଦର୍ଶନ ମହାପାତ୍ର ପୁଣି କାମ କରିବେ । ସେହିପରି ଦୁଇ ଜଣ ପ୍ରାର୍ଥୀ ସାଧାରଣ ସଂପାଦକ ପାଇଂ ପ୍ରତିଦ୍ୱନ୍ଦୀତା କରିଥିଲେ ଓ ନିହାର ରଞ୍ଜନ ପାତ୍ର ଅଧିକ ଭୋଟ ପାଇ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ହେବା ପରେ ସମସ୍ତଙ୍କୁ ଧନ୍ୟବାଦ ଦେବାସହ ଆମ ସମସ୍ୟାକୁ ନେଇ ସରକାରଙ୍କ ସହ ଆଲୋଚନା କରିବୁ ଓ ସମସ୍ତଙ୍କ ଭଲ ମନ୍ଦ ବୁଝିବି ବୋଲି କହିଛନ୍ତି ସମ୍ପାଦକ ନିହାର ରଞ୍ଜନ ପାତ୍ର ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray